ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 16 | 21 - 27 April 2024 | Sambalpur | Pages- 8 | Invitation Price Rs.10

# ମର୍ଯ୍ୟାଦାଜନକ ସମ୍ବଲପୁର ଆସନ ପାଇଁ ଅବହେଳା କାହିଁକି ?

ସମ୍ବଲପୁର: ଓଡ଼ିଶାର ମର୍ଯ୍ୟାଦାଜନକ ତଥା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ରୂପେ ପରିଚିତ ସମ୍ବଲପୁରରେ ଚଳିତ ନିର୍ବାଚନରେ ଏକ ଅଜବ୍ ଦୃଶ୍ୟ ପରିଲକ୍ଷିତ ହେଉଛି । ଅତୀତରେ ବନମାଳୀ ବାବୁ, ଡକ୍ଟର ଶ୍ରଦ୍ଧାକର ସୂପକାର ଓ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ଭଳିଆ ଓଜନଦାର ଓ ଟାଣୁଆ ନେତା ଏହି ଆସନରୁ ପ୍ରତିନିଧିତ୍ୱ କରିଥିଲେ । ଏପରିକି ଏକଦା ବନମାଳୀ ବାବୁ ଏବଂ ଶ୍ରଦ୍ଧାକର ସୂପକାରଙ୍କ ନାମ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ବେଶ୍ ଚର୍ଚ୍ଚିତ ହୋଇଥିଲା । ତେବେ ବିଡ଼ମ୍ବନାର ବିଷୟ ଯେ, ସମ୍ବଲପୁରବାସୀ ଲମ୍ବା ସମୟ ହେଲା ଏଠାରେ ନେତୃତ୍ୱ ଶୂନ୍ୟତା ଅନୁଭବ କରୁଛନ୍ତି । ସେଥିପାଇଁ ବୋଧହୁଏ ରାଜନୈତିକ ଦଳମାନେ ଚଳିତ ନିର୍ବାଚନରେ ନିର୍ବାଚନ ମଣ୍ଡଳୀ ବାହାରୁ ନେତା ଆଣି ଭୋଟରମାନଙ୍କ ଉପରେ ସେମାନଙ୍କର ନେତୃତ୍ୱ ଲଦି ଦେଉଛନ୍ତି । ଏହି ଘଟଣା ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ।

ସମ୍ବଲପୁର ମ୍ୟୁନିସିପାଲିଟି ଭାଙ୍ଗି ମହାନଗର ନିଗମ ହେବାର ଦଶ ବର୍ଷରୁ ଅଧିକ ସମୟ ବିତିଗଲାଣି । ଦଶ ବର୍ଷରେ ସମ୍ବଲପୁର ଦୁଇଟି ମହାନଗର ନିର୍ବାଚନ ହୋଇ ସାରନ୍ତାଣି । କିନ୍ତୁ ବିଡ଼ମ୍ବନା ମହାନଗରକୁ ୧୦ ପୂରି ୧୧ ଚାଲିଲାଣି, ଅଥଚ ଏ ପର୍ଯ୍ୟନ୍ତ ପ୍ରଥମ ମହାନଗର ନିର୍ବାଚନ ବି ହୋଇନାହିଁ । ଫଳରେ ସମ୍ବଲପୁର ମହାନଗରବାସୀ ୧୦ ବର୍ଷରୁ ଅଧିକ ସମୟ ହେଲା ଜନପ୍ରତିନିଧିରୁ ବଞ୍ଚିତ ଅଛନ୍ତି । ମହାନଗରବାସୀଙ୍କ ସୁଖଦୁଃଖ ଜନ ପ୍ରତିନିଧି ବୁଝିବା ପରିବର୍ତ୍ତେ ବୁଝୁଛନ୍ତି ଅଫିସର । ଜନତାର ପ୍ରତିନିଧି ଜନପ୍ରତିନିଧି ନ କରି କରୁଛନ୍ତି ଏକ ଅଫିସର ଗୋଷ୍ଠୀ । ତେଣୁ ଲୋକଙ୍କ ଶାସନ ବଦଳରେ ଚାଲିଛି ଅଫିସର ଶାସନ । ମହାନଗର ପ୍ରଶାସନିକ ବ୍ୟବସ୍ଥାରେ ଗତ ୧୦ ବର୍ଷ ହେଲା ଜନଗଣଙ୍କ ଭାଗିଦାରୀ ଶୂନ । ଯେଉଁ ସ୍ଥାନୀୟ ନେତାମାନେ ଏକଦା ପୌର ଶାସନ ବ୍ୟବସ୍ଥାରେ କାଉନସିଲର ଓ ନଗରପାଳ ହୋଇ ଲୋକଙ୍କ ପ୍ରତିନିଧିତ୍ୱ କରୁଥିଲେ ଏବଂ ସମ୍ବଲପୁର ମହାନଗର ହେଲା ପରେ କର୍ପୋରେଟର ଓ ମେୟର ହେବାକୁ ସ୍ୱପ୍ନ ଦେଖୁଥିଲେ ସେମାନେ ଏବେ ବିଭିନ୍ନ ପ୍ରକାର ବ୍ୟବସାୟରେ ମାତିଛନ୍ତି । ୧୦ ବର୍ଷ ଧରି ମହାନଗର ନିର୍ବାଚନ ନ ହେବାରୁ ଏହି ଦ୍ୱିତୀୟ ପିଢ଼ିର ନେତୃତ୍ୱ ଆଉ ଉଧେଇ ପାରିନାହାନ୍ତି । ଯେଉଁମାନେ ଦ୍ୱିତୀୟ ପିଢ଼ିର ନେତା ହୋଇ ଆଜି ସମ୍ବଲପୁରର ନେତୃତ୍ୱ ନେଉଥାନ୍ତେ ସେମାନେ ଆଜି ଜଣେ ଜଣେ ବ୍ୟବସାୟୀ ପାଲଟି ଯାଇଛନ୍ତି । ବର୍ତ୍ତମାନ ପିଢ଼ିର ନେତା ନିଜର ଅନୁଗାମୀ ସୃଷ୍ଟି କରିଛନ୍ତି ସିନା, ଦ୍ୱିତୀୟ - ପିଢ଼ିର ନେତା ସୃଷ୍ଟି ହେବାକୁ ସୁଯୋଗ ଦେଇନାହାନ୍ତି । ମ୍ୟୁନିସିପାଲିଟି ଭାଙ୍ଗିବାର ୧୦ ବର୍ଷ ୬ ମାସ ବିତି ଯାଇଥିଲେ ମଧ ମହାନଗର ନିର୍ବାଚନ ହୋଇପାରୁନାହିଁ । ଅଥଚ ସ୍ୱର ଉତ୍ତୋଳନ କରିବାକୁ ନେତା ନାହାନ୍ତି । ଜନପ୍ରତିନିଧି ଶାସନ ଅଭାବରୁ ସମ୍ବଲମୁର ମହାନଗର ଅଞ୍ଚଳରେ ପରିମଳ ଓ ରାସ୍ତାଘାଟ ଅବସ୍ଥା ବିପର୍ଯ୍ୟୟ ହୋଇ ପଡ଼ିଥିଲେ ମଧ ପ୍ରତିକ୍ରିୟା ନାହିଁ କି ପ୍ରତିବାଦ ନାହିଁ । ୧୦ ବର୍ଷ ତଳୁ ଘୋଷଣା ହୋଇଥିବା ସମ୍ବଲପୁର ପୁଲିସ କମିଶନରେଟ ପୁଲିସ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନଥିଲେ ମଧ ପ୍ରଶ୍ନ କରିବାକୁ କେହି ନାହାନ୍ତି । ସମ୍ବଲପୁରର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଥିବା ଏସଡିଏ ଅଧକ୍ଷ ଆସନ ନିୟମ ଦୃଷ୍ଟିରୁ ଜଣେ ଜନପ୍ରତିନିଧି ଅଳଙ୍କୃତ କରିବା କଥା । କିନ୍ତୁ ୫ ବର୍ଷ ହେଲା ଏହି ପଦରେ ଜଣେ ଯୋଗ୍ୟ ଜନପ୍ରତିନିଧିଙ୍କୁ ନିଯୁକ୍ତି ଦିଆଯାଉନାହିଁ । ଜନପ୍ରତିନିଧି ବସିବା କୁର୍ସିରେ ଅଫିସରମାନେ ପାଳି କରି ବସୁଛନ୍ତି । କେହି ଏହାର ପ୍ରତିବାଦ ନ କରିବା ବାବୁରାଜକୁ ସୁହାଇଛି । ସ୍ଥାନୀୟ ବିଧାୟକ ନିଜର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ବାଧ ହୋଇ ୫ ବର୍ଷ ଧରି ସମ୍ବଲପୁରରେ ପ୍ରାୟତଃ ଅନୁପସ୍ଥିତ ରହିଲେ । ସାଂସଦ କିଛି ସମସ୍ୟା ନଥାଇ ୫ ବର୍ଷ ହେଲା ଅନ୍ତର୍ଦ୍ଧାନ ଅଛନ୍ତି । ସମ୍ବଲପୁରର ନେତୃତ୍ୱ ନେବେ ବୋଲି ଲୋକେ ଯେଉଁମାନଙ୍କୁ ବାଛିଥିଲେ ସେମାନେ ୫ ବର୍ଷ ଯାକ ସମ୍ବଲପୁରରେ ରହିଲେ ନାହିଁ । ନିକଟ ଅତୀତରେ ସମ୍ବଲପୁରର ସାମାଜିକ ଜୀବନରେ ସୃଷ୍ଟି ହୋଇଥିବା ଦୁଇଟି ବଡ଼ ଧରଣର ସମସ୍ୟା ପାଇଁ ସଚେତନ ମହଲରେ ନେତୃତ୍ୱର ଦୀର୍ଘ ଅନୁପସ୍ଥିତିକୁ ଦାୟୀ କରାଯାଉଛି ।

ଗତ ଦେଢ଼ବର୍ଷ ଭିତରେ ସମ୍ବଲପୁର ଦୁଇ ଥର ଯେଭଳି କ୍ଷତାକ୍ତ ହୋଇଛି, ତା'ର ଶହ ଶହ ବର୍ଷର ଇତିହାସରେ ସେଭଳି କ୍ଷତାକ୍ତ ହୋଇ ନ ଥିବ । କିନ୍ତୁ ସେତେବେଳେ ଆହା କରିବାକୁ ପାଖକୁ କେହି ଆସିନଥିଲେ । ହାଇକୋର୍ଟ ବେଞ୍ଚ ଆନ୍ଦୋଳନରୁ ସୃଷ୍ଟି ହୋଇଥିବା ଗଣ୍ଡଗୋଳ ଯୋଗୁଁ ରାତିଅଧିଆ ଘରକୁ ଘର ପଶି ଆଇନଜୀବୀ ଓ ସାଧାରଣ ଜନତାଙ୍କ ଗିରଫଦାରୀ ଚାଲିଲା । ଘରୁ ଉଠାଇ ନେଇ ୩ ମାସ କାଳ ଜେଲରେ ଭରି ଦିଆଗଲା । ମୁରବୀ ଜେଲରେ ଥିବାବେଳେ ପରିବାରର ରୋଜିରୋଟି ବନ୍ଦ ହୋଇଯିବା ଭଳି ଅବସ୍ଥା ସୃଷ୍ଟିହେଲା । ଏହି ପରିବାରଗୁଡ଼ିକର ଚରମ ଦୁର୍ଦ୍ଦିନରେ ସେମାନଙ୍କ ଦୁଃଖ ବୁଝିବାକୁ ନେତୃତ୍ୱର ଦେଖା ନ ଥିଲା । ସେହିପରି ହନୁମାନ ଜୟନ୍ତୀକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ସାଂପ୍ରଦାୟିକ ହିଂସାରେ ଯେତେବେଳେ ସମ୍ବଲପୁର ଜଳୁଥିଲା ସେତେବେଳେ ବି ନିଆଁ ଲିଭାଇବାକୁ ନେତୃତ୍ୱର ଅଭାବ ଅନୁଭୁତ ହୋଇଥିଲା । ସମ୍ବଲପୁର ଦୁଇ ଥର କ୍ଷତାକ୍ତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲା ବେଳେ କ୍ଷତ ଉପଶମ କରିବା ପାଇଁ ମଧ ନେତୃତ୍ୱର ଅଭାବ ଅନୁଭୁତ ହୋଇଥିଲା । ଶାନ୍ତିପ୍ରିୟ ସମ୍ବଲପୁରବାସୀ ନିଜ କ୍ଷତରେ ନିଜେ ମଲମ ଲଗେଇଥିଲେ । ଅଭୂତପୂର୍ବ ସଂଯମତା ରକ୍ଷାକରି, ସାଂପ୍ରଦାୟିକ ସଦ୍‌ଭାବ ପ୍ରଦର୍ଶନ କରି ବହୁ କଷ୍ଟରେ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।

ଏହାଛଡ଼ା ଅତୀତରେ ଅନେକ ପ୍ରକଳ୍ପ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ।

# ଭାଙ୍ଗିଲା ପରମ୍ପରା, ହନୁମାନ ଜୟନ୍ତୀରେ ହେଲାନି ଶୋଭାଯାତ୍ରା





ସମ୍ବଲପୁର : ସମ୍ବଲପୁରରେ ଶହ ଶହ ବର୍ଷ ଧରି ହନୁମାନ ଜୟନ୍ତୀ ଶୋଭାଯାତ୍ରା ଏକ ପରମ୍ପରା ପାଲଟିଥିଲା । କିନ୍ତୁ ଚଳିତବର୍ଷ ପ୍ରଥମଥର ପାଇଁ ଏହି ଶୋଭାଯାତ୍ରା ହୋଇ ନ ଥିଲା । ଗତବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ସମ୍ବଲପୁରରେ ହିଂସା ଯୋଗୁଁ କର୍ଫ୍ୟୁ ଜାରି ହେବାସହ ଉତ୍ତେଜନା ଲାଗି ରହିଥିଲା । ଏହି ଘଟଣାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକବର୍ଷ ପର୍ଯ୍ୟନ୍ତ ସମସ୍ତ ଧାର୍ମିକ ଶୋଭାଯାତ୍ରା ବାରଣ କରାଯାଇଥିଲା । ଏଥର ନିର୍ବାଚନ ପରିପ୍ରେକ୍ଷୀରେ ହନୁମାନ ଜୟନ୍ତୀ ବାଇକ୍ ଶୋଭାଯାତ୍ରା ଏବଂ ମୁଖ୍ୟ ଶୋଭାଯାତ୍ରାକୁ ଅନୁମତି ଦିଆଯାଇ ନ ଥିଲା । ହନୁମାନ ଜୟନ୍ତୀ ପରିପ୍ରେକ୍ଷୀରେ ସମଗ୍ର ସମ୍ବଲପୁର ସହର ପୁଲିସ ଛାଉଣି ପାଲଟିଥିବା ବେଳେ ବହୁବର୍ଷର ପରମ୍ପରା ଭାଙ୍ଗି ଏଥର ହନୁମାନ ଜୟନ୍ତୀ ଶୋଭାଯାତ୍ରା ହେଉ ନ ଥିବା ପୁରୁଖାଲୋକେ କହିଛନ୍ତି ।

ପ୍ରତିବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ସମ୍ବଲପୁରବାସୀ ଅପେକ୍ଷା କରିଥାନ୍ତି । ଜୟନ୍ତୀର ଦୁଇଦିନ ପୂର୍ବରୁ ପ୍ରତିବର୍ଷ ବାଇକ ଶୋଭାଯାତ୍ରା ହେଉଥିବା ବେଳେ ଜୟନ୍ତୀ ଦିନ ସହରର ବିଭିନ୍ନ ସ୍ଥାନରୁ ଆଖଡ଼ା କମିଟି ପକ୍ଷରୁ ଶୋଭାଯାତ୍ରା ଆସି ଜିଲ୍ଲାସ୍କୁଲ ଛକରେ ସମ୍ମିଳିତ ହୋଇଥାଏ । ପରେ ବୃଦ୍ଧହିଲ ସ୍ଥିତ ହନୁମାନ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଗହଣରେ ମହାଆଳତି ପରେ ଏହି ଶୋଭାଯାତ୍ରା ଗୋଲବଜାର ଛକରେ ଶେଷ ହୋଇଥାଏ । ସମ୍ବଲପୁରରେ ହନୁମାନ ଜୟନ୍ତୀ ଏକ ଗଣପର୍ବ ପାଲଟି ଯାଇଥିବା ବେଳେ ଶୋଭାଯାତ୍ରାରେ ସାମିଲ ହେବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।

ଗତବର୍ଷ ହନୁମାନ ଜୟନ୍ତୀ ଉପଲକ୍ଷେ ଏପ୍ରିଲ ୧୨ ତାରିଖ ବାଇକ୍ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ମୋତିଝରଣ ଅଞ୍ଚଳରେ ଯାଉଥିବା ସମୟରେ ପଥରମାଡ଼ ହୋଇଥିଲା । ପୁଣି ହନୁମାନ ଜୟନ୍ତୀ ଦିନ ଶୋଭାଯାତ୍ରା ସମୟରେ ଗଣ୍ଡଗୋଳ ଓ ହିଂସା ପରେ ସହରରେ କର୍ଫ୍ୟୁ ଜାରି ହୋଇଥିଲା ।



ତେଣୁ ସମ୍ବଲପୁର ଜିଲ୍ଲାପାଳ ଓ ଏସ୍‌ପି ସହରରେ ବର୍ଷକ ପର୍ଯ୍ୟନ୍ତ ଧାର୍ମିକ ଶୋଭାଯାତ୍ରା ଉପରେ କଟକଣା ଜାରି କରିଥିଲେ । ଏଥର ନିର୍ବାଚନ ଥିବାରୁ ଗତ ୯ ତାରିଖ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଇଁ ଶାନ୍ତି- ସମନ୍ୱୟ କମିଟି ବୈଠକ ଡକାଯାଇଥିଲା । ଏଥିରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ପ୍ରତିବର୍ଷ ଭଳି ଉତ୍ସବ ପାଳନ କରାଯିବ, କିନ୍ତୁ ନିର୍ବାଚନ ବର୍ଷରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଶୋଭାଯାତ୍ରା ହେବନାହିଁ ବୋଲି କହିଥିଲେ । ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆସନ୍ତା ନିର୍ବାଚନ ଅବାଧ ଓ ନିରପେକ୍ଷ ହେବା ଦରକାର ବୋଲି କହିବା ସହ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଉଚିତ ନୁହେଁ ଏବଂ ପୁନଃ ମତଦାନ ହେବା ଉଚିତ ନୁହେଁ ବୋଲି ମତ ରଖିଥିଲେ ।

ଏହାବ୍ୟତୀତ ଗତ ୪ ତାରିଖରେ ସମ୍ବଲପୁରରେ ସମୀକ୍ଷା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ଧଳ ଗଣମାଧମକୁ କହିଥିଲେ, ଗତବର୍ଷ ସମ୍ବଲପୁରରେ ଧାର୍ମିକ ଶୋଭାଯାତ୍ରା ସମୟରେ ଯେଉଁ ଆଇନଶୃଙ୍ଖଳା ପରିସ୍ଥିତି ହୋଇଥିଲା ତାହା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ଏଥର ଯେପରି କୌଣସି ଅସୁବିଧା ନ ହେବ ସେନେଇ ପୁଲିସ ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଉଛନ୍ତି । ସମ୍ବଲପୁରରେ ସିଆରପିଏଫ୍ ଓ ବିଏସଏଫ୍ ମୁତୟନ ରହିଛନ୍ତି । ସରକାରଙ୍କୁ ଅଧିକ ପାରା ମିଲିଟାରୀ ଫୋର୍ସ ସକାଶେ ଅନୁରୋଧ କରାଯାଇଛି ବୋଲି କହିଥିଲେ ।

ହନୁମାନ ଜୟନ୍ତୀ ଦିନ ସାରା ସହର ଗୈରିକମୟ ହୋଇ ଯାଇଥିଲା । ସହରର ବିଭିନ୍ନ ସ୍ଥାନରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇ ଥିବା ବେଳେ ସନ୍ଧ୍ୟାରେ ବୃଦ୍ଧହିଲ୍ ସ୍ଥିତ ହନୁମାନ ମନ୍ଦିରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମିଳିତ ଭାବେ ମହାଆଳତି କରିଥିଲେ ।

## ଏ ସଂଖ୍ୟାରେ..


ୟୁରିକ୍ ଏସିଡ୍ ହ୍ରାସ କରେ ଏହି ଜୁସ୍


ସ୍ୱାସ୍ଥ୍ୟ ଲାଗି ମହୌଷଧୀ ତରଭୁଜ


କୋଲୋନ୍ କ୍ୟାନସର ଓ ଭେଣ୍ଡି


ଉଚ୍ଚ ରକ୍ତଚାପର ଘରୋଇ ଉପଚାର


ଅଙ୍ଗୁରର ଉପାଦେୟତା


କାକୁଡିର ଉପକାରିତା

# ବରଗଡ଼ ଲୋକସଭା କ୍ଷେତ୍ରରେ ଏଥର ତ୍ରିମୁଖୀ ଲଢେଇ

ଝାରସୁଗୁଡ଼ା : ୨୦୦୯ ମସିହାରେ ସୀମା ପୁନଃ ନିର୍ଦ୍ଧାରଣ ପରେ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ନେଇ ଗଠିତ ବରଗଡ଼ ଲୋକସଭା କ୍ଷେତ୍ରରେ ଚଳିତ ଥର ତ୍ରିମୁଖୀ ଲଢେଇ ହେବାକୁ ଯାଉଛି। ଏଥର ମଇଦାନରେ ଜଣେ ନବାଗତାଙ୍କ ସହ ଦୁଇ ଜଣ ଅଭିଜ୍ଞ ରାଜନେତା ଥିବାରୁ ଲଢେଇ ବେଶ ରୋଚକ ହେବ। ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ବିଜେପି ଦଳ ପ୍ରାର୍ଥୀ କରିଥିବା ବେଳେ ପୂର୍ବତନ ସାଂସଦ ସଞ୍ଜୟ ଭୋଇଙ୍କୁ କଂଗ୍ରେସ ଚତୁର୍ଥ ଥର ପ୍ରାର୍ଥୀ କରିଛି। କିନ୍ତୁ ବିଜେଡି ଦଳ ଅପ୍ରତ୍ୟାଶିତ ଭାବେ ନବାଗତା ପରିଣୀତା ମିଶ୍ରଙ୍କୁ ଟିକେଟ ଦେଇଛି। ପରିଣୀତା ରାଜନୀତିରେ ପ୍ରଥମ କରି ପାଦ ଥାପିଥିଲେ ବି ତାଙ୍କ ସ୍ୱାମୀ ସୁଶାନ୍ତ ମିଶ୍ର ଜଣେ ଅନୁଭବୀ ରାଜନେତା। କଂଗ୍ରେସ ଦଳରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ସୁଶାନ୍ତ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିଛନ୍ତି। ଏପରିକି ଶ୍ରୀ ଦେବତାଙ୍କ ରାଜନୈତିକ ଉତ୍ତରାଧିକାରୀ ଭାବେ ମଧ ତାଙ୍କୁ ବିବେଚନା କରାଯାଉଥିଲା। ତେବେ କୌଣସି କାରଣରୁ ସେ କଂଗ୍ରେସ ଦଳ ସହ ସମ୍ପର୍କ ଛିନ୍ନ କରି ୨୦୧୪ରେ ଭଟଲି ବିଧାନସଭା ଆସନରୁ ସ୍ୱାଧୀନ ଭାବେ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପରବର୍ତ୍ତୀ ସମୟରେ ସୁଶାନ୍ତ ବିଜେପିର ସଦସ୍ୟତା ଗ୍ରହଣ କରି ୨୦୨୪ ସାଧାରଣ ନିର୍ବାଚନ ପାଇଁ ଟିକେଟ ଦାବିଦାର ଥିଲେ। କିନ୍ତୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗତ ଇରାଶୀଷ ଆଚାର୍ଯ୍ୟ ବିଜେପି ଟିକେଟ ହାତେଇବା ପରେ ସୁଶାନ୍ତ ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ମିଶିବାର ଦିନକ ପରେ ସୁଶାନ୍ତଙ୍କ ପତ୍ନୀ ପରିଣୀତା ମିଶ୍ରଙ୍କୁ ଦଳର ସାଂସଦ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା।

ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ୧୯୮୦ ଦଶକରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନରୁ ନିଜର ସାମାଜିକ ଜୀବନ ଆରମ୍ଭ କରିଥିଲେ। ୨୦୧୪ରେ ସେ ବିଜେପି ଟିକେଟରେ ଲଢ଼ି ବିଜେଡିର ବରିଷ୍ଠ ନେତା ସ୍ୱର୍ଗତ ବିଜୟ ରଞ୍ଜନ ସିଂହ ବରିହାଙ୍କୁ ପରାସ୍ତ କରି ପଦ୍ମପୁର ବିଧାୟକ ହୋଇଥିଲେ। ବିଜୟ ବରିହାଙ୍କ ପରଲୋକ ପରେ ହୋଇଥିବା ଉପ-ନିର୍ବାଚନରେ ବି ବିଜେପି ଦଳ ତାଙ୍କୁ ପ୍ରାର୍ଥୀ କରିଥିଲା। ଜଣେ ତୃଣମୂଳ ସ୍ତରର ନେତା ଭାବେ ପ୍ରଦୀପଙ୍କ ଭାବମୂର୍ତ୍ତି ଓ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବିଜେପି ଦଳକୁ ନିର୍ବାଚନୀ ବୈତରଣୀ ପାର ହେବା ଲାଗି ବେଶ ସହାୟକ ହେବ ବୋଲି ଆଲୋଚନା ହେଉଛି।

କଂଗ୍ରେସ ପ୍ରାର୍ଥୀ ସଞ୍ଜୟ ଭୋଇ ଏହି ବରଗଡ଼ ସଂସଦୀୟ କ୍ଷେତ୍ରର ପ୍ରଥମ ସାଂସଦ ହେବାର ଗୌରବ ଅର୍ଜନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର କୃପାସିନ୍ଧୁ ଭୋଇଙ୍କ ପୁତ୍ର ସଞ୍ଜୟ ପାଇକମାଲ ଅଞ୍ଚଳର ମୂଳବାସିନ୍ଦା ଅଟନ୍ତି। କିନ୍ତୁ ସେ ପ୍ରାୟ ସମୟ ଦିଲ୍ଲୀରେ ରହନ୍ତି। ବରଗଡ଼ ଅଞ୍ଚଳକୁ ଡାକ୍ତର କୃପାସିନ୍ଧୁ ଭୋଇ ଲମ୍ବା ସମୟ ଧରି ସାଂସଦ ଭାବେ ପ୍ରତିନିଧିତ୍ୱ କରିଥିବାରୁ ତାଙ୍କର କିଛି ପାରମ୍ପରିକ ଭୋଟ ସଞ୍ଜୟଙ୍କୁ ମିଳିପାରେ। ଏହାଛଡା ୨୦୦୯ରେ ସାଂସଦ ଥିବାବେଳେ ଖୋଦ ସଞ୍ଜୟ ଗଢ଼ିଥିବା ସଙ୍ଗଠନ ମଧ ଏଥର କାମକୁ ଆସିପାରେ। ପଦ୍ମପୁର ଉପନିର୍ବାଚନ ବେଳେ ସଞ୍ଜୟ ବିଜେପିରେ ସାମିଲ ହୋଇଥିଲେ ହେଁ ଏବେ ପୁଣି ଘରବାହୁଡ଼ା କରି ଟିକେଟ ହାତେଇଛନ୍ତି।







ଅନ୍ୟପଟେ ମହିଳା ଭୋଟରଙ୍କୁ ଆକର୍ଷିତ କରିବା ଲାଗି ବିଜେଡି ଦଳ ପରିଣୀତା ମିଶ୍ରଙ୍କୁ ପ୍ରାର୍ଥୀ କରିଥିବା ଚର୍ଚ୍ଚା ହେଉଛି। ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା ଆସନରୁ ଝାରସୁଗୁଡା, ବ୍ରଜରାଜନଗର, ପଦ୍ମପୁର, ଅତାବିରା ଏବଂ ବିଜେପୁରରେ ବିଜେଡିର ମହିଳା ପ୍ରାର୍ଥୀ ଥିବାରୁ, ଏହା ପରିଣୀତାଙ୍କ ସପକ୍ଷରେ କାମ କରିପାରେ। ମହିଳା ସଶକ୍ତିକରଣ ପାଇଁ ବିଜେଡି ସରକାର କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ ପରିଣୀତାଙ୍କୁ ସୁହାଇ ପାରେ। ଏହାଛଡା ଭଟଲି ନିର୍ବାଚନ ମଣ୍ଡଳୀରେ ସ୍ୱାମୀ ସୁଶାନ୍ତ ମିଶ୍ର ଏବଂ ବିଧାୟକ ସୁଶାନ୍ତ ସିଂହଙ୍କ ସଙ୍ଗଠନ ସୁଦୃଢ଼ ଥିବାରୁ ଏଠାରୁ ତାଙ୍କୁ ସର୍ବାଧିକ ଭୋଟ ମିଳିବ ବୋଲି ଆକଳନ କରାଯାଉଛି।

ବରଗଡ଼ ଲୋକସଭା କ୍ଷେତ୍ର ଗଠନ ହେବା ପରେ ହୋଇଥିବା ୩ଟି ନିର୍ବାଚନରେ ଭୋଟର ପ୍ରତ୍ୟେକ ଥର ନୂଆ ଦଳକୁ ସୁଯୋଗ ଦେଇଛନ୍ତି। ତେଣୁ ଚଳିତ ନିର୍ବାଚନରେ ଭୋଟର ଏହି ତିନି ପ୍ରମୁଖ ଦଳ ଭିତରୁ କେଉଁ ଦଳକୁ ପୁଣି ଥରେ ସୁଯୋଗ ଦେବେ ବା ରିପିଟ କରିବେ, ତାହାକୁ ନେଇ ଲୋକଙ୍କ ମନରେ ଉତ୍କଣ୍ଠା ଲାଗି ରହିଛି।

୧୫ ବର୍ଷ ପୂର୍ବରୁ ୨୦୦୯ ମସିହାରେ ବିଜେପି- ବିଜେଡି ମେଣ୍ଟ ଭାଙ୍ଗିବା ସମୟରେ ଓଡ଼ିଶା କଂଗ୍ରେସ ସଶକ୍ତ ନଥିଲେ ମଧ କେନ୍ଦ୍ରରେ କ୍ଷମତାସୀନ ଥିଲା। ସେ ସମୟରେ ବରଗଡ଼ ଲୋକସଭା ଅଞ୍ଚଳର ଭୋଟର କଂଗ୍ରେସ ପ୍ରାର୍ଥୀଙ୍କ ଉପରେ ଭରସା ପ୍ରକଟ କରି ସଞ୍ଜୟ ଭୋଇଙ୍କୁ ଜିତାଇଥିଲେ। ଶ୍ରୀ ଭୋଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ପ୍ରାର୍ଥୀ ଡ.ହମିଦ ହୁସେନଙ୍କ ଠାରୁ ୯୮ ହଜାର ୩୯୩ ଭୋଟରେ ଜିତି ସାଂସଦ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୪ ନିର୍ବାଚନରେ ଭୋଟର କଂଗ୍ରେସଠାରୁ ମୁହଁ ଫେରାଇ ବିଜେଡିକୁ ଭରସା କରିଥିଲେ। ସେତେବେଳେ ସଦ୍ୟ ଚାକିରି ଛାଡ଼ି ରାଜନୀତିକୁ ଆସିଥିବା ଡ. ପ୍ରଭାସ ସିଂ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ସୁବାସ ଚୌହାନଙ୍କଠାରୁ ମାତ୍ର ୧୧, ୭୭୯ ଭୋଟରେ ବିଜୟୀ ହୋଇଥିଲେ। ତତ୍କାଳୀନ ସାଂସଦ ସଞ୍ଜୟ ଭୋଇ ପ୍ରଥମରୁ ସିଧା ତୃତୀୟ ସ୍ଥାନକୁ ଖସି ଆସିଥିଲେ। ତାଙ୍କୁ ମିଳିଥିଲା ମାତ୍ର ୨୪.୭୮ ପ୍ରତିଶତ ଭୋଟ। ୨୦୧୯ ନିର୍ବାଚନ ବେଳକୁ ମୋଦି ଲହର ଯୋଗୁ ଏହି ଲୋକସଭା କ୍ଷେତ୍ରର ୭ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କ ବିଜୟ ସତ୍ତ୍ୱେ ବିଜେପି ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ବିଜୟୀ ହୋଇଥିଲେ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟଙ୍କଠାରୁ ୬୦ ହଜାର ୮୪୫ ଭୋଟରେ ଜିତିଥିଲେ। ତେଣୁ ଚଳିତ ଥର ବରଗଡ଼ ଓ ଝାରସୁଗୁଡ଼ା ଜିଲା ଭୋଟର କେଉଁ ଦଳ ଆଡ଼କୁ ଢଳୁଛନ୍ତି ନିର୍ବାଚନ ବିଶେଷଜ୍ଞମାନେ ତା' ଉପରେ ନଜର ରଖିଛନ୍ତି।

# ସ୍ୱୟଂକୁ ସମଗ୍ରତା ରୂପେ ଜାଣିନେବା ହିଁ ଅଧ୍ୟାତ୍ମ

ଆମକୁ ଯେଉଁ ମନୁଷ୍ୟ ଜୀବନ ପ୍ରାପ୍ତ ହୋଇଛି, ତାହା ଏପରି ଏକ ସୁଯୋଗ, ଯେଉଁଠାରୁ ଅନନ୍ତ ପ୍ରକାଶର ଯାତ୍ରା ପ୍ରାରମ୍ଭ ହୋଇପାରେ।

ଭଗବାନ କୃଷ୍ଣ ଯେତେବେଳେ ଶ୍ରୀମଦ୍ ଭଗବଦ୍ ଗୀତାକୁ କହିବାର କ୍ରମରେ ଅର୍ଜୁନଙ୍କୁ ନିଜର ବିରାଟ ରୂପ ଦେଖାଇଲେ ତ ସେହି ଦୃଶ୍ୟ ପାଇଁ ଗୀତାକାର ତାଙ୍କୁ କହିଥିଲେ-

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ୟୁଗପଦୁତ୍ଥିତା।
ଯଦି ଭାଃ ସଦୃଶୀ ସା ସ୍ୟାଦ୍ଭାସସ୍ତସ୍ୟ ମହାତ୍ମନଃ।।

ଆକାଶରେ ଯଦି ସହସ୍ର ସୂର୍ଯ୍ୟ ଏକସଙ୍ଗେ ଉଦୟ ହୋଇଯାନ୍ତି, ତାହେଲେ ସେମାନେ ସବୁ ମିଶି ମଧ ପରମାତ୍ମାଙ୍କର ସେହି ପ୍ରକାଶର ସମକକ୍ଷ ହୋଇ ପାରିବାରେ ସମର୍ଥ ହେବେ ନାହିଁ।

ସେହି ଅନନ୍ତ, ଅତୁଳନୀୟ, ଅପରିମିତ ପ୍ରକାଶର ଏକ ଅଂଶ ରୂପେ, ପରମାତ୍ମାଙ୍କର ଏକ ଅଂଶ ରୂପେ, ଭଗବାନଙ୍କର ଏକ ଅଂଶ ରୂପେ ଆମେ ଓ ଆପଣମାନେ ଜନ୍ମ ହୋଇଛେ, କିନ୍ତୁ ଯଦି ଆମେ ନିଜ ଜୀବନର ଯାତ୍ରାକୁ କେବଳ ଜନ୍ମର କୁଆଁକୁଆଁ ଡାକରୁ ନେଇ ଚିତାରେ ଜଳିବା ପର୍ଯ୍ୟନ୍ତ ସୀମିତ ମାନି ସାଧାରଣ ଭାବରେ ବିତାଇ ଦେବା, ତାହେଲେ ଆମ ଭିତରର ପରମାତ୍ମା ଅଭିବ୍ୟକ୍ତ ହୋଇ ପାରିବେ ନାହିଁ, ବରଂ ଆମ ଭିତରର ପଶୁ ଅବଶ୍ୟ ଜାଗି ଉଠିବ।

ସେହି ସ୍ଥିତିରେ ଉଦର ପୂରଣ ଓ ପରିବାରକୁ ବଡ଼ କରିନେବା ବ୍ୟତୀତ ଜୀବନର ଅନ୍ୟ କୌଣସି ଉଦ୍ଦେଶ୍ୟ ଥାଇପାରେ ବୋଲି ମନୁଷ୍ୟ ବୁଝିପାରେ ନାହିଁ।

ଏଭଳି ଜୀବନର ଯାତ୍ରା କେବଳ କ୍ରୋଧ, ଦ୍ୱେଷ, ଈର୍ଷା, ମନସ୍ତାପ, ବ୍ୟାକୁଳତାରେ ହିଁ ନଷ୍ଟ ହୋଇଯାଏ। ବ୍ୟକ୍ତି ଭୁଲିଯାଏ ଯେ ମନୁଷ୍ୟର ଜୀବନ ବସ୍ତୁସ୍ଥିତିରେ ଏକ ସୁଯୋଗ ରୂପେ ତାକୁ ମିଳିଛି। ଯେଉଁମାନେ ଏହି ସୁଯୋଗର ସଠିକ, ସାର୍ଥକ ଓ ସମ୍ୟକ୍ ଉପଯୋଗ କରିବା ଜାଣିଯାନ୍ତି, ସେମାନଙ୍କ ଜୀବନର ଯାତ୍ରା ସେମାନଙ୍କୁ ପରମାତ୍ମାଙ୍କ ପର୍ଯ୍ୟନ୍ତ ନେଇଯାଏ। ସତ କହିବାକୁ ଗଲେ ଏହା ବ୍ୟତୀତ ଜୀବନର ଅନ୍ୟ କୌଣସି ଉଦ୍ଦେଶ୍ୟ ହିଁ ନାହିଁ।

ଯଦି ଆମେ ସବୁ ଜାଣିଗଲେ, ଅଥଚ ସ୍ୱୟଂକୁ ଜାଣି ପାରିଲେ ନାହିଁ, ତେବେ ଯାହା ବି ଜାଣିଛେ ତାହା ବ୍ୟର୍ଥ, ମୂଲ୍ୟହୀନ ଓ ନିରର୍ଥକ। ନିଜକୁ ଜାଣିବାର ଯାତ୍ରା ହିଁ ଅଧ୍ୟାତ୍ମର ଯାତ୍ରା ଏବଂ ନିଜ ଭିତରେ ଲୁକ୍କାୟିତ, ଅଥଚ ସୁପ୍ତ ଶକ୍ତିଗୁଡ଼ିକୁ ଜାଗ୍ରତ କରିବାର ଯେଉଁ ବିଜ୍ଞାନ ରହିଛି, ତାହା ହିଁ ଅଧ୍ୟାତ୍ମର ବିଜ୍ଞାନ।

ଆମେ ନିଜକୁ ଜାଣିଥାଉ ବୋଲି ଆମର ମନେହୁଏ, କିନ୍ତୁ ଏହା ସତ୍ୟ ନୁହେଁ। ନିଜକୁ ଜାଣିବାର ଅର୍ଥ ନିଜର ସମ୍ପର୍କୀୟ କେଉଁମାନେ, ସାଙ୍ଗସାଥୀ କେଉଁମାନେ, ଆମର କ୍ୟାରିୟର କ'ଣ ହେବା ଉଚିତ ଆଦି ଜାଣିବା ନୁହେଁ, ବରଂ ନିଜର ବ୍ୟକ୍ତିତ୍ୱ ଉପରେ ଆମେ ସମ୍ପୂର୍ଣ୍ଣ ସ୍ୱାମିତ୍ୱ କିପରି ସ୍ଥାପନ କରି ପାରିବା, ତାହାକୁ ହିଁ ଜାଣିବା ହୋଇଥାଏ।

ସ୍ୱୟଂକୁ ଜାଣିବାର ଅର୍ଥ ଆମ ପ୍ରତି ଅନ୍ୟମାନଙ୍କର ଯେଉଁ ମନ୍ତବ୍ୟ ରହିଛି, ଯାହାକୁ ଆମେ ଜନମତ କହିଥାଉ, ତାହାକୁ ଜାଣିବା ନୁହେଁ, ବରଂ ନିଜ ମନ ଉପରେ, ଇନ୍ଦ୍ରିୟଗୁଡ଼ିକ ଉପରେ ପୂର୍ଣ୍ଣ ନିୟନ୍ତ୍ରଣର ଭାବକୁ ସ୍ଥାପନ କରିନେବା ହୋଇଥାଏ।

ଯଦି ଆମେ ପ୍ରକୃତରେ ସ୍ୱୟଂକୁ ଜାଣିଛେ, ତେବେ ଆମ ମନ ଭିତରେ ଏମିତି ଗୋଟିଏ ବି ବିଚାର ନ ଆସିବା ଦରକାର, ଯାହାକୁ ଆମେ ଆସିବାକୁ ଚାହିଁ ନ ଥାଉ, କିନ୍ତୁ ଏପରି ହୋଇଥାଏ କେଉଁଠି ? କେବେ–କେଉଁଠି, କେଉଁ ପ୍ରକାର ବିଚାର ପ୍ରକଟ ହେବ ଏବଂ ଆମ ମନର ଶାନ୍ତିକୁ ଛଡାଇ ନେବ ତାହା ଆମକୁ ଜଣା ନ ଥାଏ।

ପଡୋଶୀଙ୍କର ନୂଆ ଗାଡି ଆସିବା ମାତ୍ରେ ଆମ ଗାଡି ପୁରୁଣା ଲାଗେ। ଅନ୍ୟକୁ ଚାକିରିରେ ପଦୋନ୍ନତି ମିଳିବା ମାତ୍ରେ ଆମକୁ ନିଜ ଚାକିରି ଛୋଟ ଲାଗେ। ଜୀବନଟା ଅଜାଣତରେ ହିଁ ଏକ ପ୍ରତିସ୍ପର୍ଦ୍ଧାରେ ପରିଣତ ହୋଇଯାଏ। କାରଣ ଆମର ମନ ବଡ ଚଞ୍ଚଳ ଓ ଅସନ୍ତୁଷ୍ଟ।

ପ୍ରଶ୍ନ ଉଠୁଛି ଯେ ମନ ଏତେ ଚଞ୍ଚଳ କାହିଁକି ? ଏହାର ଗୋଟିଏ କାରଣ ହେଲା, ମନ ତ ଏକ ଇନ୍ଦ୍ରିୟ, ଏକ ଉପକରଣ ମାତ୍ର, କିନ୍ତୁ ଆମେ ତାକୁ ନିଜର ମାଲିକ କରି ବସିଯାଇଛେ। ଆମେ ଯାହା ବିଚାରିବାକୁ ଚାହିଁ ନ ଥାଉ, ମନ ତାହା ବିଚାରିଥାଏ। ଆମେ ଯାହା କରିବାକୁ ଚାହିଁ ନ ଥାଉ, ମନ ତାହା କରିଥାଏ। ସେ କାହା କଥା ଶୁଣେ ନାହିଁ କି ବୁଝେ ନାହିଁ। କାରଣ ତାହା ଏକ ଇନ୍ଦ୍ରିୟ ହୋଇଥିଲେ ମଧ ଆମେ ନିଜର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱର ଏକାଧିକାର ତାକୁ ଦେଇଦେଇଛେ।

ଅଭ୍ୟାସ ଏମିତି ପଡିଯାଇଛି ଯେ ମନ ଯେପରି କରିବାକୁ ଚାହିଁଥାଏ, ଆମେ ସେପରି କରିଥାଉ। କାରଣ ଆମେ ଏକ ଭୁଲ କରିଦେଇଛୁ। ଆମର ଭୁଲ ହେଲା, ଯିଏ ଭଡାଟିଆ ହୋଇ ଆସିଥିଲା, ତାକୁ ଆମେ ଘରର ଚାବି ଧରାଇଦେଲୁ ଏବଂ ଏବେ ଅଭିଯୋଗ କରୁଛେ ଯେ ଆମେ ଏଣେତେଣେ ବୁଲୁଛୁ, କିନ୍ତୁ ସେ ଘର ଖାଲି କରୁ ନାହିଁ।

ମନର ଚଞ୍ଚଳତା ବ୍ୟକ୍ତିତ୍ୱରେ ଅସ୍ଥିରତା ଓ ଅସନ୍ତୁଳନକୁ ଜନ୍ମ ଦେବା ସ୍ୱାଭାବିକ। ଏସବୁ ଅସନ୍ତୁଳନର କାରଣ ମଧରେ ସନ୍ତୁଳନ ଆଣିବା, ନିଜ ମନ ଉପରେ ସମ୍ପୂର୍ଣ୍ଣ ସ୍ୱାମିତ୍ୱ ଆଣିବା, ଆମେ ଯାହା ଚାହିଁବା ମନ ତାହା ବିଚାର କରିବା– ଏହା ଏକ ପ୍ରକାରେ ବ୍ୟକ୍ତିତ୍ୱର ରୂପାନ୍ତରଣ ଦିଗରେ ପ୍ରଥମ, ଅଥଚ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ।

ମନ ଉପରେ ଏକାଧିକାର ସ୍ଥାପନ କରିବା ବିନା ଆଧ୍ୟାତ୍ମିକ ଯାତ୍ରା ପୂରାପୂରି ଅପୂର୍ଣ୍ଣ ରହିଯାଏ। ଏହି ଯାତ୍ରା ଯେପରି ଠିକ୍ ରୂପେ ହୋଇ ପାରିବ ସେଥିପାଇଁ ଆମେ ନିଜକୁ ମିଛ କହିବା ବନ୍ଦ କରିଦେବା। ଭୁଲ ହୋଇଯିବା ବଡ କଥା ନୁହେଁ, କିନ୍ତୁ ଭୁଲକୁ ଠିକ୍ ମାନି ସେଥିରେ ଜିଦ୍‌ କରି ବସିବା–ବ୍ୟକ୍ତିତ୍ୱର ପତନର ଦ୍ୱାର ପାଲଟିଯାଏ।

ନିଜେ ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଣି ନେବାର ନାମ ଅଧ୍ୟାତ୍ମ ଏବଂ ଏଥିପାଇଁ ଆମ ଭିତରେ କ'ଣ ଭଲ ଓ କ'ଣ ମନ୍ଦ ଅଛି, ତାହାକୁ ଭଲ ଭାବରେ ଜାଣିନେବା ହିଁ ଉଚିତ, ଏହା ଦ୍ୱାରା ହିଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଣି ହେବ। ଆଜି ଯାହା ମନ୍ଦ ଅଛି, ତାହା କାଲି ଭଲରେ ବଦଳିଯାଇ ପାରେ, କିନ୍ତୁ ମନ୍ଦକୁ ମନ୍ଦ ରୂପରେ ଦେଖିବା ଆରମ୍ଭ କରିଦେଲେ ହିଁ ଏପରି ସମ୍ଭବ ହୋଇ ପାରିବ।

ଏହା ସହିତ ଆମ ଅନ୍ତଃକରଣରେ ଆଧ୍ୟାତ୍ମିକ ଉତ୍କର୍ଷ ପ୍ରତି ଗଭୀର ଶ୍ରଦ୍ଧାର ଭାବ ରହିବା ମଧ ସତ୍ୟ। ବ୍ୟକ୍ତିତ୍ୱରେ ଯେଉଁ ସବୁ ଦୁର୍ଗୁଣ ଗଭୀର ଭାବରେ ବସିଯାଇଛି, ଜନ୍ମ-ଜନ୍ମାନ୍ତରରୁ ସେଠାରେ ଜମାହୋଇ ରହିଛି, ସେଗୁଡ଼ିକୁ ଏକାକୀ ପୁରୁଷାର୍ଥ ବଳରେ ଦୂର କରିପାରିବା ଅସମ୍ଭବ ନ ହେଲେ ମଧ ଦୁଷ୍କର ଅବଶ୍ୟ ହୋଇଥାଏ। ଯଦି ଏଭଳି ସ୍ଥିତିରେ ହୃଦୟରେ ଶ୍ରଦ୍ଧାର ଭାବ ରହେ, ତେବେ ଏହି କାର୍ଯ୍ୟ ସହଜରେ ସମ୍ଭବ ହୋଇଯାଏ।

ଶ୍ରଦ୍ଧାର ଅର୍ଥ ସରଳ– ଭଗବାନଙ୍କ ପ୍ରତି, ପରମାତ୍ମାଙ୍କ ପ୍ରତି, ଗୁରୁଦେବଙ୍କ ପ୍ରତି ଗଭୀର ଭରସାର, ବିଶ୍ୱାସର ଭାବ। ଏସବୁ ତତ୍ତ୍ୱ ମିଶି ବ୍ୟକ୍ତିତ୍ୱର ନିର୍ମାଣ କରିଥାଏ। ସ୍ୱୟଂକୁ ସମଗ୍ର ରୂପେ ଜାଣିନେବା ହିଁ ଅଧ୍ୟାତ୍ମ ଏବଂ ଏହି ଯାତ୍ରାରେ ଆଗକୁ ବଢ଼ିବା ପାଇଁ ଆମେ ସ୍ୱୟଂକୁ ପ୍ରସ୍ତୁତ କରିନେବା ଆବଶ୍ୟକ।

# ସର୍ବୋତ୍ତମ ଧନ ଆତ୍ମବିଶ୍ୱାସ

ଯଦି ସଂସାରର ସମସ୍ତ ସାଥୀ ମଣିଷକୁ ତ୍ୟାଗ କରିଦିଅନ୍ତି, ପରାଜୟ ଓ ପୀଡ଼ା ତାକୁ କ୍ଷତଗ୍ରସ୍ତ କରିଦେଉଥାଏ, ତାକୁ ପାଦ ରଖିବାପାଇଁ ଆଧାର ମିଳୁ ନ ଥାଏ, ଜୀବନର ଅନ୍ଧକାରପୂର୍ଣ୍ଣ କଣ୍ଟକାଡ ପଥରେ ଏକାକୀ ହୋଇ ଯାଇଥାଏ, ତେବେ କ'ଣ ସେ ଜୀବିତ ରହିପାରେ ? ହଁ, ରହିପାରେ । ଯଦି ସେ ସ୍ୱୟଂ ନିଜ ସାଥିରେ ଥିବ, ତେବେ କୌଣସି ଶକ୍ତି ତାକୁ ପଥରୋଧ କରିପାରିବ ନାହିଁ । କୌଣସି ଅଭାବ ତା'ର ଜୀବନ ଯାତ୍ରାକୁ ଅପୂର୍ଣ୍ଣ କରିପାରିବ ନାହିଁ । ମଣିଷର ଆତ୍ମବିଶ୍ୱାସ ଏଭଳି ଶକ୍ତିଶାଳୀ ସାଧନ, ଯାହା ତାକୁ ଲକ୍ଷ୍ୟପ୍ରାପ୍ତି କରାଇବାରେ ସହଯୋଗୀ ହୋଇପାରେ ଓ ସଂଘର୍ଷରେ ବିଜୟୀ କରାଇପାରେ ।

ଆପଣ କବୀନ୍ଦ୍ର ରବୀନ୍ଦ୍ରଙ୍କ ରଚିତ 'ଏକଲା ଚଲୋ' ଶୀର୍ଷକର ଗୀତ ଶୁଣିଥିବେ । ସେହି ଗୀତର ଭାବାର୍ଥ ହେଉଛି –

'ଯଦି ତୁମ ଡାକ ଶୁଣି କେହି ଆସନ୍ତି ନାହିଁ, ତେବେ ତୁମେ ଏକାକୀ ହିଁ ଆଗକୁ ଚାଲ ।

ଯଦି ତୁମ ସହିତ କେହି କଥା ହୁଅନ୍ତି ନାହିଁ, ସମସ୍ତେ ମୁହଁ ମୋଡ଼ିନିଅନ୍ତି, ଭୟ କରନ୍ତି, ତେବେ ହେ ଅଭାଗା ! ତୁମେ ପ୍ରାଣଖୋଲି ନିଜ କଥା ନିଜକୁ ଶୁଣାଅ ଓ ଆଗକୁ ବଢ଼ିଚାଲ ।

ଯଦି ତୁମପ୍ରତି ସମସ୍ତେ ବିମୁଖ ହୋଇ ଯାଆନ୍ତି, ଗହନ ପଥରେ ଚାଲିବାବେଳେ କେହି ସାଥୀ ହୁଅନ୍ତି ନାହିଁ, ତେବେ ପଥର କଣ୍ଟାକୁ ପାଦରେ ଦଳି ସେହି ରକ୍ତରଞ୍ଜିତ ପାଦରେ ହିଁ ଆଗକୁ ବଢ଼ିଚାଲ ।

ଯଦି ଆଲୋକ ସାଥିରେ ନାହିଁ, ପ୍ରବଳ ଝଡ଼ବତାସ ହେଉଛି, ଘନ ଅନ୍ଧକାର ଛାଇରହିଛି, ଘରର ଦରଜା ମଧ ତୁମପାଇଁ ବନ୍ଦ କରି ଦିଆଯାଇଛି, ତେବେ ସେହି ବଜ୍ରାନଳରେ ନିଜ ଛାତିର ପଞ୍ଜରାକୁ ଜଳାଇ ଏକାକୀ ହିଁ ଆଗେଇ ଚାଲ ।'

ପ୍ରକୃତରେ ପ୍ରତ୍ୟେକ ପରିସ୍ଥିତିରେ ମଣିଷ ନିଜେ ହିଁ ତା'ର ଏକମାତ୍ର ସାଥୀ ହୋଇଥାଏ । ସ୍ୱାମୀ ବିବେକାନନ୍ଦଙ୍କ ଶବ୍ଦରେ 'ଆତ୍ମବିଶ୍ୱାସପରି ମିତ୍ର ଅନ୍ୟ କେହି ନାହିଁ । ଆତ୍ମବିଶ୍ୱାସ ହିଁ ଭାବୀ ଉନ୍ନତିର ପ୍ରଥମ ସୋପାନ ।'' ସତରେ, ଆତ୍ମବିଶ୍ୱାସ ଥିଲେ ଦୁର୍ଗମ ପଥ ମଧ ସୁଗମ ହୋଇଯାଏ ଓ ବାଧା ମଧ ଶିଖରକୁ ଆରୋହଣର ସୋପାନ ହୋଇଯାଏ । ଏମର୍ସନ କହିଛନ୍ତି – 'ଆତ୍ମବିଶ୍ୱାସ ସଫଳତାର ମୁଖ୍ୟ ରହସ୍ୟ ।

ଆତ୍ମବିଶ୍ୱାସ ମଣିଷକୁ ତୁଚ୍ଛତାରୁ ମହାନତା ଦିଗରେ ଅଗ୍ରସର କରାଏ, ସାମାନ୍ୟରୁ ଅସାମାନ୍ୟ ବନାଏ । ୱେଟ୍ ମାର୍ଡେନ କହିଛନ୍ତି – 'ଆମଠାରେ ଯେତେ ଅଧିକ ଆତ୍ମବିଶ୍ୱାସ ଥିବ, ଆମ ସମ୍ବନ୍ଧ ଅନନ୍ତ ଜୀବନ ଓ ଅନନ୍ତ ଶକ୍ତି ସହିତ ସେତିକି ହିଁ ସଘନ ହେବ ।

ଆତ୍ମବିଶ୍ୱାସର ଅର୍ଥ ନିଜ ଭିତରେ ଥିବା ପରମାତ୍ମାଙ୍କ ଶକ୍ତିପ୍ରତି ଅଟଳ ବିଶ୍ୱାସ, ଯାହା ଅଜେୟ, ଅନନ୍ତ । ଯିଏ ସ୍ୱୟଂ ନିଜ ଉପରେ ବିଶ୍ୱାସ କରେ, ନିଜକୁ ପରମାତ୍ମାଙ୍କ ହାତରେ ସମର୍ପିଦିଏ, ତା' ଉପରେ ସାରା ସଂସାର ବିଶ୍ୱାସ କରିଥାଏ । ସଂସାରରେ ସେହିମାନେ ହିଁ ନେତୃତ୍ୱ, ଶାସନ, ପଥ ପ୍ରଦର୍ଶନ କରିଥାନ୍ତି, ଯେଉଁମାନଙ୍କର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଥାଏ । ନିଜ ଉପରେ ଅସୀମ ବିଶ୍ୱାସ ରଖି ହିଁ ସେମାନେ ସଂସାରକୁ ପ୍ରଭାବିତ କରିଥାନ୍ତି ।

ଆତ୍ମବିଶ୍ୱାସ ବଳରେ ଜଣେ ମଣିଷ ଆଫ୍ରିକାର ଜଙ୍ଗଲରୁ ଭୟଙ୍କର ସିଂହକୁ ମଧ ଧରି ଆଣିଥାଏ ଏବଂ ହିଂସ୍ର ପଶୁଙ୍କ ମେଳରେ ଛିଡ଼ା ହୋଇ ସେମାନଙ୍କୁ ନୃତ୍ୟ କରାଇଥାଏ । କିନ୍ତୁ ଆତ୍ମବିଶ୍ୱାସ ନଥିଲେ ସହର ମଝିରେ ଏକ କୁକୁରକୁ ମଧ ଦେଖି ଡରିଥାଏ, ମାଙ୍କଡ଼ ମଧ ତାକୁ ଡରାଇ ଦିଅନ୍ତି ।

ଶାରୀରିକ ଦୃଷ୍ଟିରୁ ସମସ୍ତଙ୍କର ଶରୀର ଏକ ସମାନ ହୋଇଥାଏ, କିନ୍ତୁ ବ୍ୟକ୍ତିର ମୁଖରୁ, ଆଖିରୁ ଆତ୍ମବିଶ୍ୱାସର ଅପାର ତେଜ ପ୍ରବାହିତ ହୋଇଥାଏ, ଯାହା ସମ୍ମୁଖସ୍ଥ ଲୋକଙ୍କୁ ପ୍ରଭାବିତ କରିଥାଏ । ଯେଉଁମାନଙ୍କ ହୃଦୟରେ ଆତ୍ମବିଶ୍ୱାସ ଥାଏ, ସେମାନଙ୍କ ଆଗରେ ହିଂସ୍ର ଜନ୍ତୁ ମଧ ପାଳିତ ପଶୁଭଳି ଲାଞ୍ଜ ହଲାଇ ଶାନ୍ତ ହୋଇଯାଆନ୍ତି । କାରଣ ଆତ୍ମବିଶ୍ୱାସର ତେଜ ସେମାନଙ୍କ ଉପରେ କୁହୁକପରି ପ୍ରଭାବ ପକାଇଥାଏ ।

କଲମ୍ବସ ଯେତେବେଳେ ପୃଥିବୀ ପରିକ୍ରମା କରିବାକୁ ବାହାରିଲା, ତା'ର ଅନେକ ଦୁର୍ବଳ ହୃଦୟ ସାଥୀ ତାକୁ ଛାଡ଼ି ଫେରିଯିବାକୁ କହିଲେ । ସେ ସେମାନଙ୍କ ଉପରେ ରାଗି ଫେରାଇ ବି ଦେଲା, କିନ୍ତୁ ତା'ର ଆତ୍ମବିଶ୍ୱାସ ଭଙ୍ଗ ହେଲାନାହିଁ । ସେ ନୂଆ ଦୁନିଆକୁ ଖୋଜି ପକାଇଲା, ପୃଥିବୀକୁ ଗୋଲ ପ୍ରମାଣିତ କରିଦେଲା ।

ନେପୋଲିୟନର ସେନା ଆଲ୍ପସ ପର୍ବତକୁ ଦେଖି ଅଟକିଗଲେ, ତାଙ୍କୁ ପଥ ମିଳିଲା ନାହିଁ । କିନ୍ତୁ ଏହି ଦୁର୍ଭେଦ୍ୟତା ନେପୋଲିୟନର ଆତ୍ମବିଶ୍ୱାସକୁ ଦୁର୍ବଳ କରିପାରିଲା ନାହିଁ । ସେ କହିଲେ– 'ଯାହା ହେଲେ ମଧ ଆମକୁ ଆଲ୍ପସ ମଧ ଦେଇ ହିଁ ପଥ ବନାଇବାର ଅଛି ।'' ଆଉ ସେହି ବିଶାଳ ପର୍ବତକୁ କାଟି ସେ ପଥ ବନାଇଦେଲା ।

ଭଗବାନ ଶ୍ରୀରାମ ଅଜେୟ ଆତ୍ମବିଶ୍ୱାସ ବଳରେ ହିଁ ବନବାସର ବିପତ୍ତିକୁ ସହି ପାରିଥିଲେ ଏବଂ ରାବଣ ସହିତ ଯୁଦ୍ଧ କରିପାରିଥିଲେ । ଗାନ୍ଧୀ, ସୁଭାଷ, ଭଗତ ସିଂହ, ଚନ୍ଦ୍ରଶେଖରଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ କ୍ରାନ୍ତିକାରୀମାନଙ୍କର ପ୍ରଗାଢ଼ ଆତ୍ମବିଶ୍ୱାସ ହିଁ ବ୍ରିଟିଶ ଶାସନର ମୂଳୋତ୍ପାଟନ କରିଥିଲା । ଅପର ପକ୍ଷରେ ଏଭଳି ଲୋକେ ଅଛନ୍ତି, ଯେଉଁମାନେ ନିଜ ଉପରେ ହେଉଥିବା ସାମାଜିକ, ରାଜନୈତିକ ଅତ୍ୟାଚାରକୁ ଚୁପ୍‌ହୋଇ ସହିଯାଆନ୍ତି । ସେମାନଙ୍କଠାରେ ଅତ୍ୟାଚାର ବିରୁଦ୍ଧରେ ଲଢ଼ିବାପାଇଁ ପୌରୁଷ ନଥାଏ ।

ଯେତେବେଳେ ସାରା ଦେଶରେ ରୁଢ଼ିବାଦ, ଅନ୍ଧବିଶ୍ୱାସ, କୁରୀତି, ଆଡ଼ମ୍ବର ପୂରି ରହିଥିଲା, ସେତେବେଳେ ମହର୍ଷି ଦୟାନନ୍ଦ ଏକାକୀ ହିଁ ଏଗୁଡ଼ିକ ବିରୁଦ୍ଧରେ କ୍ରାନ୍ତିର ସ୍ୱର ଉତ୍ତୋଳନ କରିଥିଲେ । ସେ ସମୟରେ ତାଙ୍କ ମିଶନପାଇଁ ସେ ଏକାକୀ ଥିଲେ । କିନ୍ତୁ ତାଙ୍କ ଆତ୍ମବିଶ୍ୱାସ ରାଷ୍ଟ୍ରକୁ ନବୀନ ମାର୍ଗ ଦେଖାଇଲା । ସଂସାରର ପ୍ରତ୍ୟେକ ମହାପୁରୁଷ କେବଳ ଆତ୍ମବିଶ୍ୱାସ ବଳରେ ହିଁ ମହାପୁରୁଷ ହୋଇଛନ୍ତି ଓ ମହାନ କାର୍ଯ୍ୟ କରିଛନ୍ତି ।

ମନୁଷ୍ୟ ଯେତେ ବିଦ୍ୱାନ୍, ଗୁଣବାନ, ଶକ୍ତିମାନ ହୋଇଥିଲେ ମଧ ଯଦି ତା'ଠାରେ ଆତ୍ମବିଶ୍ୱାସ ନାହିଁ, ତେବେ ସେ ମୂର୍ଖମାନଙ୍କ ସମାନ ଜୀବନ ଯାପନ କରିବ ଓ କାପୁରୁଷ ସିଦ୍ଧ ହେବ ।

ଆତ୍ମବିଶ୍ୱାସ ମଣିଷର କାର୍ଯ୍ୟକଳାପ, ତା'ର ଜୀବନ, ବ୍ୟବହାର, ଗତି ଆଦିରେ ଚେତନା ଭରିଦିଏ, ଜୀବନ୍ତ ବନାଇଦିଏ, ତା'ର ଜୀବନକୁ ପ୍ରାଣବାନ କରିଦିଏ । ଏପରି ବ୍ୟକ୍ତି ଅନ୍ୟକୁ ଦେଖିବାମାତ୍ରେ ପ୍ରଭାବିତ କରିଦିଅନ୍ତି, ଲୋକେ ତାଙ୍କ ଉପରେ ବିଶ୍ୱାସ କରିଥାନ୍ତି । ତାଙ୍କଠାରେ ଏକ ପ୍ରକାରର ଦିବ୍ୟତା ଓ ମହାନତାର ଆଭାସ ହୋଇଥାଏ । ଏହା ତାଙ୍କ ଆତ୍ମବିଶ୍ୱାସ କାରଣରୁ ହୋଇଥାଏ । ଯିଏ ନିଜ ଉପରେ ବିଶ୍ୱାସ କରେ ନାହିଁ, ତାକୁ ଅନ୍ୟମାନେ ମଧ ବିଶ୍ୱାସ କରନ୍ତି ନାହିଁ କି ମହତ୍ତ୍ୱ ଦିଅନ୍ତି ନାହିଁ ।

ସମାନ ପରିସ୍ଥିତି, ସାଧନ-ସମ୍ପତ୍ତି, ଶିକ୍ଷା, ଶକ୍ତି ଆଦି ଥିବାସତ୍ତ୍ୱେ ମଧ କିଛି ଲୋକେ ମହାନ ହୋଇଯାଆନ୍ତି ଏବଂ ଅନ୍ୟମାନେ ସାଧାରଣ ଆବଶ୍ୟକତା ମଧ ପୂରଣ କରିପାରନ୍ତି ନାହିଁ । ସେମାନେ ଏଣେତେଣେ ବୁଲି ବୁଲି ପରାଧୀନତା ଓ ତିରସ୍କାର ପାଇ ଜୀବନ ଯାପନ କରିଥାନ୍ତି । ଏହାର କାରଣ ହେଉଛି ଆତ୍ମବିଶ୍ୱାସର ଅଭାବ । ଆତ୍ମବିଶ୍ୱାସ ସେହି ଜ୍ୟୋତି, ଯାହା ବଳରେ ମଣିଷର ବ୍ୟକ୍ତିତ୍ୱ, ଗୁଣ, କର୍ମ, ସ୍ୱଭାବ, ଜୀବନ ସବୁକିଛି ପ୍ରକାଶଯୁକ୍ତ ହୋଇଯାଏ ଓ ସର୍ବତ୍ର ଆଭା ବିକିରଣ କରେ, ଯଦ୍ୟପି ଏହାର ଅଭାବରେ ମଣିଷ ଦୀନ ହୀନ, ନିର୍ବୀର୍ଯ୍ୟ ଓ ନିସ୍ତେଜ ଜୀବନ ଜୀଇଁଥାଏ ।

ଏକ ଶକ୍ତିଶାଳୀ, ସମର୍ଥ ବ୍ୟକ୍ତିର ମନରୁ ମଧ ଯଦି ଆତ୍ମବିଶ୍ୱାସ କମ୍ ହୋଇଯାଏ, ତେବେ ତା'ର ସୁଦୃଢ଼ ପାଦ ମଧ ଦୋହଲିଯାଏ । ସୁରକ୍ଷିତ ଶିଳା ଉପରେ ଠିଆ ହୋଇଥିଲେ ମଧ ସେ ଟଳମଳ ହେବାରେ ଲାଗିଥାଏ । ଭବସାଗରର ଲହରୀ ଆଘାତରେ ସେ ଭାସିବାରେ ଓ ବୁଡ଼ିବାରେ ଲାଗିଥାଏ । ବିପରୀତପକ୍ଷେ ଆତ୍ମବିଶ୍ୱାସୀ ମଣିଷ ପ୍ରବଳ ଝଞ୍ଜାବାତ୍ୟାରେ ମଧ ଦୃଢ଼ତାସହ ଛିଡ଼ା ହୋଇଥାଏ । ବିପରୀତତାରେ ସନ୍ତୁଳିତ ଓ ଶାନ୍ତ ରହି ଆଗକୁ ବଢ଼ିଥାଏ । ଅଭାବ ଓ ବିରୋଧ ସହି ଏକାକୀ ହିଁ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇଥାଏ । ନିର୍ଧନର ଧନ, ଅସହାୟର ସହାୟ, ଅଶକ୍ତର ସାମର୍ଥ୍ୟ ଆଦି ଯଦି କିଛି ଅଛି ତ ତାହା ହେଉଛି ମଣିଷର ଆତ୍ମବିଶ୍ୱାସ । ମଣିଷକୁ ଗଢ଼ିବା ଓ ଭାଙ୍ଗିବାପାଇଁ ଅନ୍ୟ କୌଣସି ଶକ୍ତି ନାହିଁ ।

ଆତ୍ମବିଶ୍ୱାସ ମଣିଷର ଶକ୍ତିଗୁଡ଼ିକୁ ସଙ୍ଗଠିତ କରି ତାକୁ ଏକ ଦିଗରେ ନିୟୋଜିତ କରିଥାଏ । ଶାରୀରିକ, ମାନସିକ ଶକ୍ତିଗୁଡ଼ିକ ଆତ୍ମବିଶ୍ୱାସୀର ଇଙ୍ଗିତରେ କାମ କରିଥାନ୍ତି । ଯିଏ ନିଜ ଶକ୍ତିଗୁଡ଼ିକର ସ୍ୱାମୀ, ନିୟନ୍ତ୍ରଣକର୍ତ୍ତା, ତାକୁ ସଂସାରରେ କୌଣସି ଅଭାବ ରହେ ନାହିଁ । ସିଦ୍ଧି, ସଫଳତା ସ୍ୱୟଂ ଆସି ତା'ର ଦ୍ୱାରଦେଶରେ ଛିଡ଼ା ହୋଇଥାନ୍ତି ।

ନିର୍ବଳ, ଅସହାୟ, ଦୀନ, ଦୁଃଖୀ, ଦରିଦ୍ର ସେହି ବ୍ୟକ୍ତି, ଯାହାର ଆତ୍ମବିଶ୍ୱାସ ନାହିଁ । ସେହି ବ୍ୟକ୍ତି ଅଭାଗା, ଯାହାର ବିଶ୍ୱାସ ତାକୁ ଛାଡ଼ିଯାଇଛି । ଆତ୍ମବିଶ୍ୱାସ ଜୀବନରୂପୀ ନାବର ସମର୍ଥ ନାବିକ, ଯିଏ ଭୀଷଣ ଲହଡ଼ିରେ ମଧ ନାବକୁ ବୁଡ଼ିବାକୁ ଦିଏ ନାହିଁ ଓ ପାରି କରିଦିଏ । ଆତ୍ମବିଶ୍ୱାସ ରହିତ ବ୍ୟକ୍ତି ଜୀବିତ ହୋଇଥିଲେ ମଧ ଏକ ପ୍ରକାରର ମୃତ ତୁଲ୍ୟ, କାରଣ ଜୀବନ ଉତ୍ସାହ, ତେଜ, ଶକ୍ତି, ସାହସ, ସ୍ଫୂର୍ତ୍ତି, ଆଶା, ଉଲ୍ଲାସ ସହିତ ଜୀଆଁଯାଏ ଓ ଏହା ଆତ୍ମବିଶ୍ୱାସ ଥିଲେ ହିଁ ସମ୍ଭବ ।

ଯଦି ଜୀବନରେ ସଫଳ ଓ ବିଜୟୀ ହେବାର ଅଛି, ସଂସାରର ଧକ୍କା ଖାଇ ନୁହେଁ, ବରଂ ସଂସାରକୁ ଦିଗ୍‌ଦର୍ଶନ ଦେଇ ବଞ୍ଚିବାର ଅଛି, ଉନ୍ନତି-ଅବନତି, ବିଜୟ-ପରାଜୟର ଦ୍ୱନ୍ଦ୍ୱରେ, କଠିନତା ଓ ବିଷମତାର ଝଡ଼ବତାସରେ ସ୍ଥିର ରହିବାର ଅଛି, ସଂସାରରେ ନିଜର ପ୍ରଭାବ ଛାଡ଼ି ଯିବାର ଅଛି, ଆଶା ଓ ଉଲ୍ଲାସର ଜୀବନ ବିତାଇବାର ଅଛି, ତେବେ ଆତ୍ମବିଶ୍ୱାସକୁ ଜାଗ୍ରତ ଓ ବିକଶିତ କରନ୍ତୁ । ସଂସାର ଆତ୍ମବିଶ୍ୱାସୀକୁ ହିଁ ସ୍ଥାନ ଦିଏ । ଯିଏ ନିଜକୁ ମହତ୍ତ୍ୱପୂର୍ଣ୍ଣ ମାନେନାହିଁ, ତାକୁ ସଂସାର ମଧ ଉପେକ୍ଷିତ କରିଦିଏ । ତେଣୁ ନିଜକୁ ମହତ୍ତ୍ୱ ଦିଅନ୍ତୁ ଓ ନିଜ ଭିତରର ଆତ୍ମବିଶ୍ୱାସ ଜାଗ୍ରତ କରି ସଫଳ ଜୀବନ ପଥରେ ଆଗକୁ ବଢ଼ନ୍ତୁ ।

## ଆଜିର ଚିନ୍ତନ

ପ୍ରତ୍ୟେକ ମନୁଷ୍ୟଠାରେ ଅଲଗା ଅଲଗା ଗୁଣ ବିଦ୍ୟମାନ ହୋଇଥାଏ, ଯାହାଦ୍ୱାରା ସମାଜରେ ତାହାର ଚିହ୍ନଟ ଭଲ ଅଥବା ଖରାପ ବ୍ୟକ୍ତି ରୂପରେ କରାଯାଏ । ସେଥିମଧ୍ୟରୁ ବିନମ୍ରତା ଗୋଟିଏ ଏମିତି ଗୁଣ ଅଟେ, ଯାହା ବିନା ମାନବ ଭିତରେ ମାନବିକତାର କଳ୍ପନା କେବେ କରାଯାଇ ପାରିବନି । ବିନମ୍ରତା ଆଗରେ ଦେବତା ମଧ ନଇଁଯାଆନ୍ତି । ଏହା ଅତି ଦୁଷ୍ଟବ୍ୟକ୍ତିର ହୃଦୟରେ ମଧ ଦୟା, କ୍ଷମା ଆଉ ଉଦାରତା ଭଳି ଭାବ ଉତ୍ପନ୍ନ କରିଥାଏ । ବ୍ୟକ୍ତି ଭିତରେ ଲୁଚିଥିବା ଅଭିମାନକୁ ନଷ୍ଟ କରିଦିଏ । ବିନୟ ଅହଂକାରର ଶତ୍ରୁ ଅଟେ । ବିନମ୍ର ହେବାକୁ ହେଲେ ଆମକୁ ନିଜର ଅହଂକାରକୁ ଅବଶ୍ୟ ଛାଡ଼ିବାକୁ ପଡ଼ିବ । ଅହଂକାରୀ କେବେବି ବିନୟଶୀଳ ହୋଇପାରିବନି । ସେ ଶୁଖିଯାଇଥିବା କାଠ ସହ ସମାନ ହୋଇଥାଏ । ତେଣିକି ଭାଙ୍ଗିଯାଉ, କିନ୍ତୁ ନଇଁପାରିବ ନାହିଁ । ଆଉ ଅହଂକାରୀ ବ୍ୟକ୍ତିର ବିକାଶ ମଧ ଗୋଟିଏ ସ୍ଥାନରେ ଆସି ରହିଯାଏ । ବିନୟଶୀଳ ବ୍ୟକ୍ତିର ସ୍ୱଭାବ ଏହା ହୋଇଥାଏ କି, ସେ ନିଜର ଛୋଟକୁ ମଧ ପ୍ରେମ ଆଉ ସ୍ନେହ ଦେଇଥାଏ । ସେ ନିଜର ବଡ଼ଙ୍କୁ ମଧ ସଦା ଆଦର କରିଥାଏ । ସେଥିପାଇଁ ମର୍ଯ୍ୟାଦାପୁରୁଷ ରାମଙ୍କ ଗୁଣର ବର୍ଣ୍ଣନା କରି ସନ୍ଥ ତୁଳସୀଦାସ ଲେଖିଛନ୍ତି- ପ୍ରାତଃକାଳ ଉଠି ରଘୁନାଥା, ମାତା-ପିତା ଗୁରୁ ନ ବହି ମାଥା । ସତ୍ୟ ଏହା ଯେ, ମହାପୁରୁଷଙ୍କ ଜୀବନ ହିଁ ସେମାନଙ୍କର ଉପଦେଶ ହୋଇଥାଏ । ତା'ପରେ ଯାଇ ନରରୁ ନାରାୟଣ ହୋଇଥାନ୍ତି । ବିନୟ ସବୁ ଗୁଣର ଜନନୀ ଅଟେ । ଅହଂକୁ ତ୍ୟାଗ କରି ମନରେ ବିନୟ ଭାବ ଆଣିଲେ ମନ ଧର୍ମ ଏବଂ ଈଶ୍ୱରପ୍ରେମ ଆଡ଼କୁ ବଢ଼ିଥାଏ । ଯେପର୍ଯ୍ୟନ୍ତ ଆମର ବ୍ୟବହାର ମିଠା ହେବନାହିଁ, ସେପର୍ଯ୍ୟନ୍ତ ଆମର ଭାବ ମଧ ବିନୟ ହେବନାହିଁ । ଯେମିତି କୃଷକ ବୀଜ ବୁଣିବା ପୂର୍ବରୁ ହଳ କରି ଜମିକୁ ନରମ କରିଥାଏ, ସେହିପରି ବିନୟର ଭାବ ବିକଶିତ କରିବା ପାଇଁ ପ୍ରଥମେ ବ୍ୟବହାରକୁ ନମ୍ର ବନେଇବାକୁ ହୁଏ । ତା'ପରେ ଆମର ବ୍ୟକ୍ତିତ୍ୱରେ କରୁଣା, ଦୟା ଏବଂ ପ୍ରେମର ଅଙ୍କୁର ଫୁଟିଥାଏ । ବିନୟର ଭାବନା ଆସିଲେ ଆମ ପାଇଁ ମୋକ୍ଷର ଦ୍ୱାର ମଧ ଆପେ ଆପେ ଖୋଲିଯାଏ । ସନ୍ଥମାନେ ବିନୟକୁ ଧର୍ମର ମୂଳ କହିଛନ୍ତି, ଆଉ ମୋକ୍ଷକୁ ନମ୍ରତା ତଥା ବିନୟକୁ ସର୍ବୋତ୍ତମ ଫଳ ବତେଇଛନ୍ତି ।

# ପ୍ରାକୃତିକ ଜୀବନ ଜୀଅନ୍ତୁ, ସୁସ୍ଥ ରହନ୍ତୁ

ପ୍ରତ୍ୟେକ ରୋଗ ଆରମ୍ଭରେ ବୀଜ ରୂପରେ ଶରୀରରେ ସ୍ଥାନ ବନାଏ । ଯଦି ତାକୁ ସେହି ସମୟରେ ନଷ୍ଟ କରିଦିଆଯାଏ, ତେବେ ରୋଗରୂପୀ ବିଶାଳ ବୃକ୍ଷ ବଢ଼ିପାରେ ନାହିଁ । ସମସ୍ତ ପ୍ରକାର ଔଷଧି ରୋଗର ବାହ୍ୟ ବା ବର୍ତ୍ତମାନ ସ୍ୱରୂପକୁ ହିଁ କେବଳ ଠିକ୍ କରିଥାନ୍ତି । କିନ୍ତୁ ତା'ର ବୀଜ ଯଥାବତ୍ ରହିଥାଏ ଓ ଭିତରେ ଭିତରେ ମୂଳ ସୁଦୃଢ଼ କରିବାରେ ଲାଗିଥାଏ ।

ରୋଗର ପ୍ରମୁଖ କାରଣ ହେଉଛି ଅପ୍ରାକୃତିକ ଜୀବନ ଜୀଇଁବା, ଯଥା – ନିଦ ହେଉ ନ ଥିଲେ ମଧ ଆଳସ୍ୟବଶତଃ ଶଯ୍ୟାରେ ଯାଇ ଶୋଇଯିବା ଅଥବା ଆସୁଥିବା ନିଦକୁ ଅଟକାଇବା ପାଇଁ ଗରମ ଚା' କଫି ଆଦି ଉପଯୋଗ କରିବା, ଭୋକ ହେଉ ନ ଥିଲେ ମଧ ପେଟଭରି ଖାଇଦେବା, ଅସମୟ ଭୋଜନ-ସ୍ନାନ, ଦାମ୍ପତ୍ୟ ଜୀବନର ଅସଂଯତ ନିର୍ବାହ, ଦୁର୍ବ୍ୟସନର ଶିକାର ହେବା ଇତ୍ୟାଦି । ଶାସ୍ତ୍ରୋକ୍ତି ରହିଛି – 'ଅପଥ୍ୟେ ସତିଗତାର୍ଥ ସ୍ୟାତୀମୌଷଧଃ ନିବେଷଣାମ୍' ଅର୍ଥାତ୍ ଯେଉଁମାନେ ଆହାର-ବିହାରର ନିୟମ ପାଳନ କରନ୍ତି, ସେମାନଙ୍କୁ ଔଷଧ ଆବଶ୍ୟକ ହୁଏ ନାହିଁ । ଖାଦ୍ୟପଦାର୍ଥ ଭଲଭାବେ ହଜମ ନହେଲେ ନାନା ପ୍ରକାରର ରୋଗ ହୁଏ । କାରଣ ଏହାଦ୍ୱାରା ଭଲଭାବେ ମଳ-ମୂତ୍ର ବିସର୍ଜନ ହୁଏନାହିଁ ଏବଂ ତାହା ଶରୀରର ଆଭ୍ୟନ୍ତରୀଣ ଅଙ୍ଗ-ପ୍ରତ୍ୟଙ୍ଗରେ ଯତ୍ର-ତତ୍ର ଜମିବାରେ ଲାଗେ । ଫଳରେ ସାରା ଶରୀରରେ ଉତ୍ତାପ ବୃଦ୍ଧି ହୁଏ । ଦୁର୍ଗନ୍ଧଯୁକ୍ତ ମଳିନ ପରିସ୍ରା ଏବଂ କଠିନ ଓ ଶୁଷ୍କ ମଳ ହିଁ ଏହାର ପ୍ରତିକ୍ରିୟା ।

ଔଷଧ ପ୍ରୟୋଗଦ୍ୱାରା ବିଜାତୀୟ ଦ୍ରବ୍ୟ ସହଜରେ ଉତ୍ସର୍ଜିତ ହୋଇଯିବା କଥା, କିନ୍ତୁ ତାହା ନହେବା ଫଳରେ ଶରୀର ଭାରୀ ଲାଗେ, ହୃଦୟ ଗତି କମିଯାଏ ଏବଂ ଶରୀରପାଇଁ ଆବଶ୍ୟକ ଉଷ୍ମତା କମୁଥିବାର ଅନୁଭବ ହୁଏ । ଏହାକୁ ଦୂର କରିବାପାଇଁ ତୀବ୍ର ଔଷଧ ପ୍ରୟୋଗ କରାଯାଏ ଯାହା ପ୍ରଥମରେ ତ ନିଜ ପ୍ରଭାବ ଦେଖାଇଦିଏ, କିନ୍ତୁ ପରେ ରୋଗକୁ ଅଧିକ ଦୃଢ଼ମୂଳ କରିଦିଏ । ପରେ ଏହା ବିକୃତି ରୂପରେ ଅତିସାର, କାଶ, ଜ୍ୱର ଆଦି ଯେତେବେଳେ ବାହାରେ, ପୁଣି ସେହି ରୋଗ ଭାବି ତାକୁ ଚାପିବାର ଔଷଧ ଦିଆଯାଏ । ଏଥିରେ ଇଞ୍ଜେକ୍ସନ ଆଦି ପ୍ରୟୋଗ କରି ବିଜାତୀୟ ଦ୍ରବ୍ୟକୁ ଭିତରେ ହିଁ ଅଟକାଇ ଦିଆଯାଏ ଯାହା ଭବିଷ୍ୟତରେ ଅନ୍ୟ ଭୟଙ୍କର ରୋଗର ରୂପ ଧାରଣ କରିନିଏ ଓ ମଣିଷ ଆହୁରି ଅଧିକ ରୁଗ୍‌ଣ ହୋଇଯାଏ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

ସ୍ୱୀକାର
ବର୍ଷ ୨୮, ସଂଖ୍ୟା - ୧୬, ୨୧ - ୨୭ ଅପ୍ରେଲ ୨୦୨୪

# ଦଳବଦଳ ରାଜନୀତି

ଦେଶର ନିର୍ବାଚନ ମହାସଂଗ୍ରାମ ହେବ । ଇତିମଧ୍ୟରେ ବିଜେପି ୪୦୪ ରୁ ଅଧିକ ଆସନ ଜିତିବା ଲକ୍ଷ୍ୟ ରଖି ତା'ର ରଣକୌଶଳ ପ୍ରୟୋଗ ଆରମ୍ଭ କରିଦେଇଛି । ଅତଏବ, ବିଜେପି ସହିତ ସିଧାସଳଖ ଏନ୍‌ଡିଏ, ଏନ୍‌ଡିଏ ସହଯୋଗୀ ଓ ଇଣ୍ଡିଆ ମଧ୍ୟରେ ଲଢ଼େଇ ହେବ । ଏଥିପାଇଁ ଦିଲ୍ଲୀରୁ ଛତିଶଗଡ଼, ମହାରାଷ୍ଟ୍ରରୁ ଝାଡ଼ଖଣ୍ଡ, ତେଲଙ୍ଗାନାରୁ ଜାମ୍ମୁକାଶ୍ମୀର, ରାଜସ୍ଥାନରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ନିର୍ବାଚନ ପାଣିପାଗ ସରଗରମ ହୋଇଉଠିଛି । ବିଭିନ୍ନ ଦଳର ଅସନ୍ତୁଷ୍ଟ, କୋଣଠେସା, ଟିକଟରୁ ବଞ୍ଚିତ ଯୁକ୍ତ, ଅବହେଳିତ ତଥା ବୃହତ୍ ଅଭିଳାଷୀ ନେତା ନିଜ ନିଜର ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ଦଳବଦଳକୁ ଏକ ଅମୋଘ ଅସ୍ତ୍ର ବିବେଚନା କରି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ପରିଦୃଶ୍ୟ ହେଉଛି 'ଆୟାରାମ ଓ ଗୟାରାମ'ଙ୍କ ବାଦୀ ପାଲା । ଏଣେ ଦୁର୍ନୀତିଗ୍ରସ୍ତ ତଥା ଭ୍ରଷ୍ଟାଚାରୀ ରାଜନେତାଙ୍କ ଜନ୍ମକୁଣ୍ଡଳୀ ଖୋଲିବା ପାଇଁ ଇଡି, ସିବିଆଇ ଓ ଆୟକର ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଯାଇଛି । ବିଭିନ୍ନ ନେତାଙ୍କୁ ରିମାଣ୍ଡରେ ନିଆଯାଉଛି । କେଉଁଠି କେଉଁଠି ଗିରଫ ମଧ୍ୟ ହେଉଛନ୍ତି । ଏହିପରି ସ୍ଥିତିରେ କିଛି ନେତା ତ୍ରାହିତ୍ରାହି ଡାକ ଛାଡୁଥିବା ବେଳେ ସେମାନଙ୍କର ନିଦ ହଜିଯାଇଛି । କେହି କେହି ସୁରକ୍ଷା ପାଇଯିବା ଦାୟରେ ଦଳ ଛାଡ଼ି ବିଜେପିର ଶିବିରରେ ଶରଣ ପଶୁଛନ୍ତି ।

ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ଦଳବଦଳ ପାଲା ରୋଚକ ମୋଡ଼ ନେଉଛି । ଏଥିରେ ସବୁଠାରୁ କଂଗ୍ରେସକୁ ଅଧିକ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି । କାରଣ ଦିନକୁ ଦିନ ଏହି ଦଳର ମାତ୍ରାଧିକ ନେତା ଅନ୍ୟ ଦଳରେ ମିଶୁଛନ୍ତି ଏବଂ ଏହି ଧାରା ଥମିବାର ନାଁ ଧରୁନାହିଁ । ଦଳବଦଳ ଯୋଗୁଁ କଂଗ୍ରେସର ଗଠବନ୍ଧନ ସରକାର ଭୁଶୁଡ଼ି ପଡ଼ିଛି । ୨୦୨୨ରେ ମହାରାଷ୍ଟ୍ରରେ ମହାବିକାଶ ଆଘାଡ଼ି ସରକାର, ୨୦୨୦ରେ ମଧ୍ୟପ୍ରଦେଶରେ କମଳନାଥ ସରକାର, ୨୦୧୯ରେ କର୍ଣ୍ଣାଟକରେ ଜେଡିୟୁ ସରକାର ଭାଙ୍ଗି ଯାଇଥିଲା । ଏଥିରେ ସବୁଠାରୁ ଅଧିକ ଲାଭବାନ ହୋଇଛି ବିଜେପି ।

ଆଜିର ଦିନରେ କ୍ଷମତାଲିପ୍‌ସୁ ଦଳ ତଥା ଗାଦିନାସୀନ ହେବା ପାଇଁ ସଂଖ୍ୟାଖେଳକୁ ସାପଶିଡ଼ି ପରି ଖେଳୁଛନ୍ତି । ନିର୍ବାଚନ ଫଳାଫଳ ଯାହା ହେଉନା କାହିଁକି, ଜନାଦେଶ ମିଳୁ କି ନମିଳୁ, କ୍ଷମତାକୁ ଯେମିତି ହେଲେ ଆସିବାକୁ ହେବ ନେତା ଓ ଦଳ ଏଭଳି ଯୋଜନାରେ ବ୍ୟସ୍ତ । ବିଲରୁ ଫସଲ ଅଣାଯାଇ ନପାରିଲା ତ ଖଳାରୁ ଉଠାଇ ଅଣାଯିବ । ଖଳାରୁ ନ ଆସିପାରିଲା ଯଦି ଅମାରରୁ ଅଣାଯିବ । ତାହା ଯଦି ବି ହୋଇନପାରିଲା ମାଲିକଙ୍କୁ ସିଧାସଳଖ ଉଠାଇ ଅଣାଯିବ । ଏପରି ବିଚାରଧାରା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ ଓ ଜନାଦେଶର ପରିପନ୍ଥୀ ।

କହିବାକୁ ଗଲେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିରୋଧୀ ଦଳର ସକ୍ରିୟ ଉପସ୍ଥିତି ନିଶ୍ଚିତ ଭାବେ ସକାରାତ୍ମକତାର ପରିଚାୟକ । ବିରୋଧୀଙ୍କ ଆଲୋଚନା- ସମାଲୋଚନା ଶାସନାଧୀନ ଦଳକୁ ଠିକଣା ବାଟକୁ ଯିବା ମାର୍ଗ ପ୍ରଶସ୍ତ କରେ ଏବଂ ସ୍ୱୈରାଚାରୀ କରିଦିଏ ନାହିଁ । ଏହାଦ୍ୱାରା ଗଣତନ୍ତ୍ର ସୁଦୃଢ଼ ହୁଏ । କୌଣସି ଗଣତାନ୍ତ୍ରିକ କଲ୍ୟାଣମୁଖୀ ଦେଶରେ ବିରୋଧୀ ଦଳ ହେଉଛି ଏକ ସୌନ୍ଦର୍ଯ୍ୟ । ମାତ୍ର ଏବେ ନିରଙ୍କୁଶ ମହାନାୟକମାନଙ୍କ ଆବିର୍ଭାବ ଘଟିବା ପରେ ବିରୋଧୀ ଦଳର ନେତାମାନେ ଏକପ୍ରକାର ନିଷ୍ପ୍ରଭ ହୋଇପଡୁଛନ୍ତି । ଯେଉଁପରି ଶାସକ ଦଳର ଦୋଷ, ଦୁର୍ବଳତାକୁ ଦର୍ଶାଇ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ଅଣ୍ଟା ଭିଡ଼ିବା କଥା, ତାହା ପରିଦୃଶ୍ୟ ହେଉନାହିଁ । ବିରୋଧୀ ଶକ୍ତି ସଞ୍ଚୟ କରିନପାରିବା ଦେଶ ପାଇଁ ବିଡ଼ମ୍ବନାର ବିଷୟ ଏବଂ ବିଷମ ସ୍ଥିତି ଉପୁଜାଉଛି ।

୧୯୮୪ ମସିହା ସାଧାରଣ ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ଲୋକସଭାରେ ୪୦୪ଟି ଆସନ ପାଇ ଅଭୂତପୂର୍ବ ବିଜୟ ଲାଭ କରିଥିଲା । ୧୯୮୫ରେ କଂଗ୍ରେସ ଦଳବଦଳ ନିରୋଧ ଆଇନ ପ୍ରଣୟନ କରିଥିଲା । ଏହି ଆଇନ ଅନୁସାରେ କୌଣସି ବିଧାୟକ ବା ସାଂସଦ ଯଦି ଦଳ ବଦଳାଇବେ, ତେବେ ତାଙ୍କର ସଦସ୍ୟତା ପଦ ରଦ୍ଦ ହୋଇଯିବ । ଏହି ଆଇନରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାବଧାନ ମଧ୍ୟ ରହିଛି ଯେ ଯଦି ଦଳର ଦୁଇ- ତୃତୀୟାଂଶ ବିଧାୟକ ବା ସାଂସଦ ଦଳ ବଦଳାଉଛନ୍ତି, ତେବେ ଏଠାରେ ଏହି ଆଇନ ଲାଗୁ ହେବ ନାହିଁ । ଦଳବଦଳ ନିରୋଧ ଆଇନ ପ୍ରଣୟନ ପଛରେ ଆଭିମୁଖ୍ୟ ଥିଲା ରାଜନୈତିକ ଭ୍ରଷ୍ଟାଚାରକୁ ରୋକିବା, ପ୍ରଶାସନରେ ସ୍ଥିରତା ଆଣିବା, ଲୋକତନ୍ତ୍ରକୁ ସୁଦୃଢ଼ କରିବା ଏବଂ ଜନାଦେଶକୁ ସମ୍ମାନ ଦେବା । ହେଲେ, ନେତାଙ୍କ ଦଳବଦଳ ଓ ଏଥିନେଇ ଘୋଡ଼ାବେପାର ଦିନକୁ ଦିନ ଭିନ୍ନ ମୋଡ଼ ନେବାରେ ଲାଗିଛି । ନେତାଙ୍କ ଦଳବଦଳ ଯୋଗୁଁ ବହୁ ସରକାରର ପତନ ଘଟିଛି, ବହୁ ସରକାର ଅସ୍ଥିର ହୋଇଛି ଏବଂ ଲୋକତନ୍ତ୍ରର ହତ୍ୟା ହୋଇଛି । ଏଥିନେଇ ବିଭିନ୍ନ ସମୟରେ ଆଇନଗତ ଜଟିଳତା, ସାମ୍ବିଧାନିକ ପ୍ରଶ୍ନ ବାଚସ୍ପତିଙ୍କ ନୈତିକତା-ନିଷ୍ପକ୍ଷତାକୁ ନେଇ ପ୍ରଶ୍ନ ଉଠୁଥିଲେ ହେଁ ଏହି ଆଇନ ଯଥାର୍ଥ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ । ଦଳବଦଳ ମାମଲାରେ ନିର୍ବାଚିତ ପ୍ରତିନିଧିଙ୍କ ସଦସ୍ୟପଦ ରଦ୍ଦ ନେଇ ସୁପ୍ରିମକୋର୍ଟଙ୍କ ରାୟରେ ବିଧାନସଭା ବା ଲୋକସଭା ହେଉ, ବାଚସ୍ପତି ହିଁ ନିର୍ଣ୍ଣାୟକ ନିଷ୍ପତ୍ତି ନେଇପାରିବେ ବୋଲି ଦର୍ଶାଯାଇଛି । ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଭୂମିକା ରାଜନୈତିକ କିମ୍ବା ଦଳୀୟ ବିଧିବିଧାନ ଗୁରୁତ୍ୱପୂର୍ଣ ନୁହେଁ, ଗୃହର ମର୍ଯ୍ୟାଦା ଓ ସାମ୍ବିଧାନିକ ପଦ ମର୍ଯ୍ୟାଦା ରଖି ନିଷ୍ପତ୍ତି ନେବା ଜରୁରୀ । କିନ୍ତୁ ବିଭିନ୍ନ ସମୟରେ ଦଳବଦଳକାରୀ ନେତାଙ୍କ ପ୍ରତି ବାଚସ୍ପତିଙ୍କ ଆଭିମୁଖ୍ୟ ନିଷ୍ପକ୍ଷ ହୋଇପାରୁ ନଥିବା ପ୍ରଶ୍ନ ଉଠୁଛି । ବାଚସ୍ପତି ଯଦି ଠିକ୍ ସମୟରେ ନିର୍ଣ୍ଣାୟକ ନିଷ୍ପତ୍ତି ନ ନିଅନ୍ତି ତାହା ସାଧାରଣତଃ ଆବେଦନକାରୀଙ୍କ ସପକ୍ଷରେ ଯାଉଛି ବୋଲି ବୁଝାଯାଇଥାଏ । ଅବଶ୍ୟ ଡେରିର କାରଣ କ'ଣ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ । ନୂଆ ନିୟାମକ ପ୍ରସ୍ତୁତ କରିବାକୁ ହେଲେ ସାମ୍ବିଧାନିକ ସଂଶୋଧନର ଆବଶ୍ୟକତା ମଧ୍ୟ ରହିଛି । ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ସାଂସଦ ବା ବିଧାୟକଙ୍କ ସଦସ୍ୟତା ବଜାୟ ରଖିବା ମାମଲାରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବା ପାଇଁ ଏକ ପ୍ରାଧିକରଣ ବା ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ପାଇଁ ପରାମର୍ଶ ଦେଇଛନ୍ତି । ମଣିପୁର ମାମଲାରେ ଏହାର ସଂଶୋଧନ ନେଇ ମଧ୍ୟ ବିତର୍କ ଉଠିଥିଲା ଏବଂ ସୁପ୍ରିମକୋର୍ଟ ଏହାର ପୁନର୍ବିଚାର ପାଇଁ ପରାମର୍ଶ ଦେଇଥିଲେ । ଏସବୁ କାଗଜ ପତ୍ରରେ ସୀମିତ ହୋଇରହିଯାଇଛି ଏବଂ ନେତାଏ ମନମର୍ଜି ଦଳ ବଦଳ କରିଚାଲିଛନ୍ତି ।

ଗୋଟିଏ ସମୟରେ ଅଜିତ ପୱାର, ପ୍ରଫୁଲ୍ଲ ପଟେଲ, ହିମନ୍ତ ବିଶ୍ୱଶର୍ମା, ଶୁଭେନ୍ଦୁ ଅଧିକାରୀ, ମୁକୁଲ ରାୟ ନାରାୟଣ ରାଣେ, ଛଗନ ଭୁଜବଳଙ୍କ ଭଳି ତୁଙ୍ଗ ନେତାଙ୍କୁ ବିଜେପି ଭ୍ରଷ୍ଟାଚାରୀ ଆରୋପ କରୁଥିଲା । ଏମାନଙ୍କ ବିରୋଧରେ ଇଡି ଚଢ଼ଉ ହୋଇଥିଲା । ମାତ୍ର ଏମାନେ ବିଜେପିରେ ଯୋଗ ଦେବା ପରେ ସଭିଏଁ ଏବେ ଏକପ୍ରକାର ସୁରକ୍ଷିତ ଅବସ୍ଥାରେ ଅଛନ୍ତି । ହେଲେ, ସରକାରଙ୍କୁ ତୀବ୍ର ସମାଲୋଚନାର ଫଳସ୍ୱରୂପ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ତଥା ଜେଏମଏମ ସୁପ୍ରିମୋ ହେମନ୍ତ ସୋରେନ ଓ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମି ପାର୍ଟିର ସୁପ୍ରିମୋ ଅରବିନ୍ଦ କେଜରିୱାଲଙ୍କ ଉପରେ ଇଡି ଚଢ଼ଉ କରାଯାଇଥିବାବେଳେ ସେମାନଙ୍କୁ ଜେଲ ଯିବାକୁ ପଡ଼ିଛି । ସେହିପରି ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ତେଜସ୍ୱୀ ଯାଦବ ମଧ୍ୟ ଇଡିର ଶିକାର ହୋଇଛନ୍ତି । ଅନ୍ୟପକ୍ଷରେ ଏନ୍‌ଡିଏ ଏବଂ ବିଜେଡି ନେତାଙ୍କ ଉପରେ ଦୁର୍ନୀତି ଓ ଭ୍ରଷ୍ଟାଚାର ମାମଲା ଥିଲେ ହେ ଅଦ୍ୟାବଧି ଆଖିଦୃଶିଆ ଭାବେ ଇଡି, ସିବିଆଇ କିମ୍ବା ଆୟକର ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ୨୦୧୪ରୁ ଅଦ୍ୟାବଧି ସିବିଆଇ, ଇଡି, ଆୟକର ବିଭାଗ ଦ୍ୱାରା ଦୁର୍ନୀତି ଅଭିଯୋଗରେ ସମ୍ମୁଖୀନ ହୋଇଥିବା ୨୫ ଜଣ ପ୍ରମୁଖ ବିରୋଧୀ ନେତା ଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି । ବିଜେପିରେ ଯୋଗ ଦେବା ପରେ ସେମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ ମାମଲାରୁ ଆଶ୍ୱସ୍ତି ମିଳିଥିବାବେଳେ ୩ଟି ମାମଲା ବନ୍ଦ ହୋଇଯାଇଛି ଏବଂ ୨୦ଟି ଶୀତଳ ଭଣ୍ଡାରରେ ରହିଛି ।

# ଆମ ଜୀବଜାତିର ବିଧାନ

## ମହାତ୍ମା ଗାନ୍ଧୀ



ମୁଁ କେବଳ ସ୍ୱପ୍ନ ହିଁ ଦେଖେ ନାହିଁ । ମୁଁ ନିଜକୁ ଜଣେ ବ୍ୟବହାରିକ ବୋଧସମ୍ପନ୍ନ ଆଦର୍ଶବାଦୀ ବୋଲି ଦାବି କରୁଛି । ଅହିଂସାର ଧର୍ମ କେବଳ ଋଷିମୁନିଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ସାଧାରଣ ମନୁଷ୍ୟମାନଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ । ଅହିଂସା ହେଉଛି ମନୁଷ୍ୟ ହିସାବରେ ଆମ ଜୀବଜାତିର ବିଧାନ, ଠିକ୍ ଯେପରି ହିଂସା ଇତର ପ୍ରାଣୀମାନଙ୍କର ବିଧାନ । ଇତର ପ୍ରାଣୀ ଭିତରେ ଆତ୍ମା ସୁପ୍ତ ଅବସ୍ଥାରେ ଥାଏ ଏବଂ ସେ ଶାରୀରିକ ବଳ ବ୍ୟତୀତ ଆଉ କୌଣସି ବିଧାନ ଜାଣେ ନାହିଁ । ମନୁଷ୍ୟର ସମ୍ମାନିତ ସ୍ତରଟି ହିଁ ତା'ଠାରୁ ଏକ ଉଚ୍ଚତର ବିଧାନର ଆନୁଗତ୍ୟ ଦାବି କରିଥାଏ, ଆତ୍ମାର ବଳ ପାଖରେ ଆନୁଗତ୍ୟ ଦାବି କରିଥାଏ ।

ଚାରିପାଖରେ ହିଂସା ପ୍ରବଳ ହୋଇ ରହିଥିଲେ ମଧ୍ୟ ଯେଉଁ ଋଷିମାନେ ଅହିଂସାର ବିଧାନକୁ ଆବିଷ୍କାର କରିଥିଲେ, ସେମାନେ ନିଉଟନ୍‌ଙ୍କଠାରୁ ମଧ୍ୟ ଅଧିକ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଥିଲେ । ସେମାନେ ୱେଲିଙ୍ଗ୍‌ଟନ୍‌ଙ୍କଠାରୁ ଆହୁରି ବଡ଼ ଯୋଦ୍ଧା ଥିଲେ । ସେମାନେ ସ୍ୱୟଂ ଅସ୍ତ୍ରର ବ୍ୟବହାର ଜାଣିଥିଲେ ମଧ୍ୟ ସେଗୁଡ଼ିକର ନିରର୍ଥକତାକୁ ଉପଲବ୍ଧି କରିଥିଲେ ଏବଂ ହିଂସାର ମାର୍ଗରେ ନୁହେଁ, ଅହିଂସାର ମାର୍ଗରେ ହିଁ ପୃଥିବୀର ମୁକ୍ତି ନିହିତ ରହିଛି ବୋଲି ଏକ କ୍ଲାନ୍ତ ପୃଥିବୀକୁ ଶିକ୍ଷା ଦେଇଥିଲେ ।'

ମୁଁ କେବଳ ଗୋଟିଏ ମାର୍ଗକୁ ଅହିଂସାର ମାର୍ଗକୁ ହିଁ ଜାଣିଛି । ହିଂସାର ମାର୍ଗ ମୋ' ପ୍ରକୃତିର ହିଁ ବିରୋଧୀ । ହିଂସାର ଉଦ୍ରେକ କରି ଆଣିବା ନିମନ୍ତେ ଆବଶ୍ୟକ ହେଉଥିବା ଶକ୍ତିର ଅନୁଶୀଳନ କରିବାକୁ ମୁଁ ଆଦୌ ଇଚ୍ଛା କରେ ନାହିଁ ।... ମୁଁ ଏହି ବିଶ୍ୱାସଟିରୁ ସତ ବଳ ଲାଭ କରେ ଯେ ଈଶ୍ୱର ହିଁ ସହାୟହୀନର ସହାୟ ହୁଅନ୍ତି, ଜଣେ ବ୍ୟକ୍ତି ତାଙ୍କରି କୃପାର ହାତରେ ଆପଣାକୁ ସମର୍ପଣ କରିଦେଇ ପାରିଲେ ହିଁ ସେ ତାକୁ ବଳ ଦେବାକୁ ଆସନ୍ତି । କେବଳ ସେହି ବିଶ୍ୱାସଟି ରହିଥିବାରୁ ହିଁ ମୁଁ ଏପରି ଏକ ଆଶା ମଧ୍ୟ ପୋଷଣ କରିଛି ଯେ ସେ ମୋତେ ଦିନେ ଏପରି ଗୋଟିଏ ପଥ ଦେଖାଇବେ, ଯାହାକୁ ଅନୁସରଣ କରିବା ସକାଶେ ମୁଁ ବିଶ୍ୱାସର ସହିତ ଲୋକମାନଙ୍କୁ ପ୍ରବର୍ତ୍ତାଇ ପାରିବି ।

ମୁଁ ମୋ' ଜୀବନଯାକ ବାଜି ବସାଇ ଆସିଛି । ସତ୍ୟର ଆବିଷ୍କାର କରିବା ନିମନ୍ତେ ମୋ'ର ପ୍ରବଳ ବାସନାରେ ଏବଂ ଅବିରାମ ଭାବରେ ଅହିଂସା ଉପରେ ରହିଥିବା ମୋ'ର ବିଶ୍ୱାସ ଅନୁସାରେ ହିଁ ଜୀବନ ବଞ୍ଚିବାରେ ମୁଁ କୌଣସି ବାଜି ବସାଇବାକୁ ଅତି ବଡ଼ ବୋଲି ଗଣନା କରି ନାହିଁ । ଏପରି କରିବାରେ ଯଦି ମୁଁ କୌଣସି ଭୁଲ୍ କରିଥାଏ, ତେବେ ସେଥିରେ ଯେକୌଣସି ଯୁଗ ତଥା ଯେକୌଣସି ଦେଶର ସବୁଠାରୁ ଅଧିକ ଯୋଗ୍ୟତାସମ୍ପନ୍ନ ବୈଜ୍ଞାନିକଙ୍କୁ ହିଁ ମୁଁ ମୋ'ର ସହଚାରୀରୂପେ ଲାଭ କରିଛି ।'

ମୋ' ପତ୍ନୀଙ୍କଠାରୁ ମୁଁ ଅହିଂସାର ଶିକ୍ଷାକୁ ଲାଭ କରିଥିଲି । ସେତେବେଳେ ମୁଁ ତାଙ୍କୁ ସେ ମୋ'ର ଇଚ୍ଛା ଅନୁସାରେ କାର୍ଯ୍ୟ କରନ୍ତୁ ବୋଲି ବାଧ କରୁଥିଲି । ଏକ ପକ୍ଷରେ ମୋ'ର ସେହି ବାଧ କରିବାର ବିରୋଧରେ ତାଙ୍କର ସଂକଳ୍ପଯୁକ୍ତ ପ୍ରତିରୋଧ ଏବଂ ଅନ୍ୟ ପକ୍ଷରେ ଏହି କ୍ଷେତ୍ରରେ ମୋ'ର ନିର୍ବୋଧତାକୁ ସହ୍ୟ କରିବା ନିମନ୍ତେ ତାଙ୍କର ନୀରବ ଆତ୍ମସମର୍ପଣ - ଶେଷରେ ମୋତେ ଲଜ୍ଜିତ କରି ପକାଇଥିଲା ତାଙ୍କ ଉପରେ ଶାସନ କରିବା ଲାଗି ଯେ ମୋ'ର ଜନ୍ମ ହୋଇଛି, ସେପରି ଭାବିବାରେ ନିହିତ ରହିଥିବା ମୋ'ର ନିର୍ବୋଧତାକୁ ଦୂର କରି ଦେଇଥିଲା । ପରିଶେଷରେ ସିଏ ଅହିଂସାର କ୍ଷେତ୍ରରେ ମୋ'ର ଶିକ୍ଷୟିତ୍ରୀ ହୋଇ ରହିଲେ ।

ମୋ'ର ଜୀବନରେ ମୋତେ ବାଟ ଦେଖାଇ ନେଇ ଯାଇଥିବା ଏହି ନୀତିଟି ନିଷ୍କ୍ରିୟ ହୋଇ ରହିବାର ଏକ ନୀତି ନୁହେଁ, ଏହା ଉଚ୍ଚତମ କ୍ରିୟାଶୀଳତାର ନୀତି । ମୁଁ ମୋ' ଜୀବନରେ ଅହିଂସା କୌଣସି ବୀରୋଚିତ ଏବଂ ପ୍ରାମାଣ୍ୟ ପରିଚୟ ପ୍ରଦର୍ଶନ କରିପାରିଛି ବୋଲି କୌଣସି ବିଶ୍ୱାସ ପୋଷଣ କରି ମୁଁ କଦାପି ନିଜର ତୋଷାମଦ କରିବି ନାହିଁ । ମୋ'ର ବନ୍ଧୁମାନେ ମଧ୍ୟ ସେହିପରି ଏକ ବିଶ୍ୱାସ ରଖନ୍ତୁ ବୋଲି ମୁଁ କଦାପି ଇଚ୍ଛା କରିବି ନାହିଁ । ମୁଁ କେବଳ ଏତିକି ଦାବି କରିପାରିବି ଯେ, ଗୋଟିଏ ମୁହୂର୍ତ୍ତ ଅଟକି ନଯାଇ ମଧ୍ୟ ମୁଁ ସେହି ଦିଗରେ ଯାତ୍ରା କରିବାରେ ଲାଗିଛି ।

ଅହିଂସା ହେଉଛି ମନୁଷ୍ୟ-ଜାତିର ହିଁ ଏକ ବିଧାନ ଏବଂ ପଶୁବଳୀଠାରୁ ଅନନ୍ତ ଗୁଣରେ ଏବଂ ବୃହତ୍ତର ଓ ଉଚ୍ଚତର ବିଧାନ ।

ଅନ୍ତିମ ନ୍ୟାୟଟି ଅନୁସାରେ, ଯେଉଁମାନଙ୍କର ପ୍ରେମ ରୂପ ଭଗବାନଙ୍କଠାରେ କୌଣସି ବିଶ୍ୱାସ ନଥାଏ, ସେମାନେ କଦାପି ସେହି ବିଧାନଟିର ଅଧିକାରୀ ହୋଇ ପାରିବେ ନାହିଁ ।

ଜଣେ ବ୍ୟକ୍ତିର ଆତ୍ମସମ୍ମାନ ଏବଂ ସମ୍ମାନବୋଧକୁ ଅହିଂସା ପରିପୂର୍ଣ୍ଣତମ ସୁରକ୍ଷା ପ୍ରଦାନ କରିଥାଏ । ମାତ୍ର, ଭୂମି ଅଥବା ଜଙ୍ଗମ ଧନସମ୍ପତ୍ତିର ସୁରକ୍ଷା ପାଇଁ ସର୍ବଦା ପ୍ରତିଶ୍ରୁତି ଦେଇ ପାରେ ନାହିଁ । ତଥାପି, ନିୟମିତଭାବରେ ଅହିଂସାର ଅଭ୍ୟାସ କଲେ ସେଗୁଡ଼ିକର ରକ୍ଷା ଲାଗି ସଶସ୍ତ୍ର ମନୁଷ୍ୟମାନଙ୍କୁ ନିଯୁକ୍ତ କରି ରଖିବା ଅପେକ୍ଷା ଅହିଂସା ନିଜକୁ ଏକ ଅଧିକ ନିର୍ଭରଶୀଳ ରକ୍ଷାପ୍ରାଚୀର ବୋଲି ପ୍ରମାଣିତ କରିଥାଏ । ଅତ୍ୟନ୍ତ ସ୍ୱାଭାବିକ ଭାବରେ ଅହିଂସା ଅଧର୍ମ ଦ୍ୱାରା ପ୍ରାପ୍ତ ଯାବତୀୟ ଲାଭ ଏବଂ ଯାବତୀୟ ଅନୈତିକ କାର୍ଯ୍ୟକୁ ସୁରକ୍ଷା ଦେବାର କ୍ଷେତ୍ରରେ କୌଣସି ସାହାଯ୍ୟ କରି ପାରେ ନାହିଁ ।

ଯେଉଁ ବ୍ୟକ୍ତିମାନେ ଅଥବା ଯେଉଁ ଜାତିମାନେ ଅହିଂସାର ଆଚରଣ କରିବେ, ସେମାନେ (ଜାତିମାନେ ସେମାନଙ୍କର ଶେଷ ବ୍ୟକ୍ତିଟି ପର୍ଯ୍ୟନ୍ତ) କେବଳ ନିଜର ସମ୍ମାନ ବ୍ୟତୀତ ଆଉ ସବୁକିଛିକୁ ବଳି ଦେବା ପାଇଁ ପ୍ରସ୍ତୁତ ହୋଇ ରହିଥିବା ଏକାନ୍ତ ଆବଶ୍ୟକ । ତେଣୁ, ଅନ୍ୟ ଜାତିମାନଙ୍କର ଦେଶକୁ ନିଜର ଅଧିକାରରେ ରଖି ଅର୍ଥାତ୍ ଆପଣାର ରକ୍ଷା ନିମନ୍ତେ ସ୍ପଷ୍ଟତଃ ବଳର ଆଧାର ଉପରେ ଠିଆ ହୋଇଥିବା ଆଧୁନିକ ସାମ୍ରାଜ୍ୟବାଦର ଅହିଂସା ସହିତ ଆଦୌ କୌଣସି ସଙ୍ଗତି ରହି ନ ପାରେ ।

ଅହିଂସା ଏଭଳି ଏକ ଶକ୍ତି, ଯାହାକୁ କି ସମାନଭାବରେ ସମସ୍ତେ - ପିଲା, ଯୁବକ - ଯୁବତୀ ତଥା ବୟସ୍କ ଲୋକମାନେ ପ୍ରୟୋଗ କରି ପାରିବେ । ସେଥିପାଇଁ ସେମାନଙ୍କର କେବଳ ପ୍ରେମର ଭଗବାନଙ୍କ ଉପରେ ଏବଂ ତେଣୁ ସମଗ୍ର ମାନବସମାଜ ଉପରେ ମଧ୍ୟ ଏକ ଜୀବନ୍ତ ବିଶ୍ୱାସ ରହିଥିବା ଉଚିତ । ଯେତେବେଳେ ଆମେ ଅହିଂସାକୁ ଜୀବନର ଏକ ବିଧାନରୂପେ ଗ୍ରହଣ କରିନେବା, ସେତେବେଳେ ଏହା ଆମର ସମୁଦାୟ ଜୀବନଟିକୁ ସ୍ପର୍ଶ କରି ପାରୁଥିବା ଉଚିତ ଓ କେବଳ କେତୋଟି ବିଚ୍ଛିନ୍ନ ସ୍ୱତନ୍ତ୍ର କାର୍ଯ୍ୟରେ ହିଁ ତାହାର ପ୍ରୟୋଗ ନ ହେଉଥିବା ଉଚିତ ।

# ସ୍ୱର୍ବେଦ

**ଷଷ୍ଠ ଅଧ୍ୟାୟ**

**ବିନୁ ଅଧାର କାୟା ନହାଁ, ବିନୁ ଅଧାର ସଂସାର ।**
**ରହ ଅଚାର ଆଧେୟ କା, ୟହ ସମ୍ବନ୍ଧ ତତ ସାର ॥୦୧॥**

ଭାଷ୍ୟ - ଆଶ୍ରୟ ବିନା କାୟାର ସ୍ଥିତି ନ ଥାଏ । ଯେଉଁଠାରୁ ଏହି ଶରୀରର ସଂରକ୍ଷଣ ଓ ସଂଚାଳନ ହୁଏ ତାହା ଏ ଶରୀରର ଆଧାର । ଆଧାର ବିନା ସଂସାରର ଚିନ୍ତା କରାଯାଇ ପାରିବ ନାହିଁ । ଏହି ସମସ୍ତ ଜଗତ ଓ ଜୀବମାନଙ୍କର ଆଧାର ପରମପ୍ରଭୁ ଅଟନ୍ତି । ସୁତରାଂ ଜୀବ ଆଉ ଜଗତ ତାଙ୍କ ଆଧାରୀତ । ଏହି ସମ୍ବନ୍ଧ ଜୀବ ଜଗତରେ ପରଂବ୍ରହ୍ମଙ୍କର ଅଟେ । ଏହି ସମ୍ବନ୍ଧର ଜ୍ଞାନ ସମସ୍ତ ତତ୍ତ୍ୱର ସାର ଅଟେ ।

**ବ୍ୟାପକ ବ୍ୟାପ୍ୟ ସମ୍ବନ୍ଧ ହୈ,**
**ସଂଯୁତ ସହଜ ସ୍ୱଭାୱ ।**
**କହିଁ ୱିୟୋଗ ହୋୱେ ନହାଁ,**
**ସର୍ୱ କାଲ ସମ ଜାନ ॥୦୨॥**

ଭାଷ୍ୟ - ଜୀବ ଆଉ ବ୍ରହ୍ମର ସମ୍ବନ୍ଧ ବ୍ୟାପ୍ୟ-ବ୍ୟାପକ ଏବଂ ଆଧାର-ଆଧେୟର ଅଟେ । ଏହି ସଂଯୁକ୍ତ ତଥା ସ୍ୱାଭାବିକ ସମ୍ବନ୍ଧ ସବୁ ସମୟରେ ରହିଥାଏ, ବିୟୋଗ କୌଣସି ସମୟରେ ହୋଇ ନ ଥାଏ । ସମସ୍ତ ଜୀବମାନଙ୍କର ଆଧାର ପରମପ୍ରଭୁ ଅଟନ୍ତି ଓ ଏ ଦୁହିଙ୍କର ସହଜ, ନିତ୍ୟ ସମ୍ବନ୍ଧ ରହିଛି ।

**ଲାଲୀ ମେହଦୀ ମେଁ ଛିପୀ,**
**ପୁରୁଷ ବ୍ୟାପ୍ତ ତୋହି ମାହିଁ ।**
**ଭେଦୀ ଭେଦ ରହସ୍ୟ ମେଁ, ପ୍ରଭୁ**
**ପ୍ରକଟେଁ ଘଟ ମାହିଁ ॥୦୩॥**




ଭାଷ୍ୟ - ଯେଉଁ ପ୍ରକାର ମଞ୍ଜୁଆତିରେ ଲାଲିମା ଲୁପ୍ତ ରହିଥାଏ, ସେହି ପ୍ରକାର ଜୀବାତ୍ମା ଭିତରେ ପରମ ପୁରୁଷ ବ୍ୟାପ୍ତ ଅଟନ୍ତି । ଯୋଗ-ଯୁକ୍ତିରେ ଅନ୍ତର-ଭେଦ-ସାଧନ ଦ୍ୱାରା ଆତ୍ମା ଭିତରେ ସେହି ପରମପ୍ରଭୁ ପ୍ରକଟ ହୋଇଥାନ୍ତି ।

**ପୁଷ୍ପ ୱାସ ଜ୍ୟୋଁ ପୁଷ୍ପ ମେଁ, ତ୍ୟୋଁ**
**ସାହେବ ଘଟ ମାହିଁ ।**
**ମନମଥ ମାର ୱିୱେକ ସେ,**
**ରୋମ ରୋମ ଦରଶାହିଁ ॥୦୪॥**

ଭାଷ୍ୟ - ଯେଉଁ ପ୍ରକାର ଫୁଲରେ ସୁଗନ୍ଧ ରହିଥାଏ, ସେହି ପ୍ରକାର ସମସ୍ତଙ୍କର ସ୍ୱାମୀ ପରଂବ୍ରହ୍ମ ସବୁ ଘଟରେ ସ୍ଥିତ ହୋଇଛନ୍ତି । ମନର ବିଷୟ ତରଙ୍ଗକୁ ଜ୍ଞାନ ବଳରେ ଅପସାରଣ କରି ଯେତେବେଳେ ଅନ୍ତର ପ୍ରବେଶ ହେବ, ସେତେବେଳେ ଶରୀରର ସମସ୍ତ ଲୋମକୂପରେ ସେହି ବ୍ୟାପକ ପରଂବ୍ରହ୍ମଙ୍କର ସାକ୍ଷାତ୍କାର ହୋଇପାରିବ ।

**ତୀଲ ମାହିଁ ଜ୍ୟୋଁ ତେଲ ହୈ,**
**ତୁଝମେଁ ପୁରୁଷ ପୁରାନ ।**
**ସଦ୍‌ଗୁରୁ ଯୁକ୍ତି ନିକାଲିୟେ,**
**ପ୍ରକଟେ ରୂପ ମହାନ ॥୦୫॥**

ଭାଷ୍ୟ - ଯେଉଁ ପ୍ରକାର ତିଳ ମଧ୍ୟରେ ତେଲ ରହିଛି ସେହି ପ୍ରକାର ତୁମ ଭିତରେ ପୂର୍ଣ୍ଣ ପୁରୁଷ ରହିଛନ୍ତି । ସଦ୍‌ଗୁରୁ ଯୁକ୍ତିରେ ଯୋଗ ସାଧନା ଦ୍ୱାରା ପ୍ରଭୁଙ୍କର ମହାନ୍ ସ୍ୱରୂପକୁ ଅନୁଭବରେ ପ୍ରକଟ ହୁଅନ୍ତି ଏବଂ ଅନୁଭବ, ଯୋଗ ଯୁକ୍ତିରେ ବ୍ରହ୍ମାମୃତ ରୂପୀ ତେଲ ପ୍ରବାହ ଆତ୍ମାକୁ ପ୍ରାପ୍ତ ହୋଇଥାଏ ।

**ବ୍ୟୋମ ସକଲ ଘଟ ବ୍ୟାପ୍ତ ହୈ,**
**ବାହର ଭୀତର ମାନ ।**
**ତ୍ୟୋଁ ପରିପୂରଣ ପୁରୁଷ ହୈ,**
**ପେଖ ଦୃଷ୍ଟି ଉର ଜ୍ଞାନ ॥୦୬॥**

ଭାଷ୍ୟ - ଯେଉଁ ପ୍ରକାର ଆକାଶ ଶରୀରର ବାହାରେ ଏବଂ ଭିତରେ ବ୍ୟାପକ ଅଟେ, ସେହି ପ୍ରକାର ଆତ୍ମାର ବାହ୍ୟ ଏବଂ ଆଭ୍ୟନ୍ତରରେ ଓତଃପ୍ରୋତ ଭାବରେ ପ୍ରଭୁ ବ୍ୟାପକ ରହିଛନ୍ତି । ଏହାକୁ ନିଜର ଅନୁଭବ ଚେତନ ଦୃଷ୍ଟିରେ ଦେଖନ୍ତୁ ।

**ଓତ ପ୍ରୋତ ଭରିପୂର ହୈ,**
**ସମରସ ସକଲ ସମାନ ।**
**ଦଶୋ ଦିଶା ମେଁ ଦେଖିୟେ,**
**ଅଦ୍‌ଭୁତ ପୁରୁଷ ଅମାନ ॥୦୭॥**

ଭାଷ୍ୟ - ସେହି ପରମ ପ୍ରଭୁ ସମସ୍ତ ସୃଷ୍ଟିରେ ଏକ ସମାନ ଦଶ ଦିଶରେ ପରିପୂର୍ଣ୍ଣ ଏବଂ ଓତଃପ୍ରୋତ ବ୍ୟାପ୍ତ ଅଟନ୍ତି । ସେହି ଅଲୌକିକ ପୂର୍ଣ୍ଣ ପୁରୁଷଙ୍କୁ ଅନୁଭବ, ଚେତନ ଦୃଷ୍ଟିରେ ପ୍ରତ୍ୟକ୍ଷ ଦର୍ଶନ କରନ୍ତୁ । ତାହା ସର୍ବୋପରି ସର୍ବ ସୂକ୍ଷ୍ମ ପରମତତ୍ତ୍ୱ ଅଟେ ।

**ତୁଝ ମେଁ ତୁଝ ପର ସର୍ୱ ପର,**
**ପର ଅପରା ସଂସାର ।**
**ଘଟପଟ ସମ ପରକାଶ ହୈ,**
**ଦେଖହୁ ତତ୍ତ୍ୱ ୱିଚାର ॥୦୮॥**

ଭାଷ୍ୟ - ତୋ ଭିତରେ ଏବଂ ବାହାରେ ସମସ୍ତ ସୂକ୍ଷ୍ମ, ସ୍ଥୁଳ ଜଗତ ଏବଂ ପ୍ରକୃତିର ସମସ୍ତ ପଦାର୍ଥମାନଙ୍କରେ ସେହି ପରମ ପ୍ରକାଶ ସମଭାବରେ ବିରାଜିତ ହୋଇଛନ୍ତି । ନିଜର ଅନୁଭବ ତତ୍ତ୍ୱଜ୍ଞାନର ଦୃଷ୍ଟିରେ ତାଙ୍କୁ ପ୍ରତ୍ୟକ୍ଷ କରନ୍ତୁ । ପରମପ୍ରଭୁ ପ୍ରକୃତି ଆଉ ଆତ୍ମାର ଭିତରେ ଏବଂ ବାହାରେ ସମସ୍ତ ପଦାର୍ଥମାନଙ୍କରେ ଏକରସ ନିଜର ସତ୍ୟ ସ୍ୱରୂପରେ ପ୍ରକାଶିତ ହୋଇ ରହିଛନ୍ତି ।

**ତୁମ ମେଁ ମନ ମେଁ ଦେହ ମେଁ,**
**ସବ ଭୂମିନ ସବ ପାସ ।**
**ଅନୁଭୱ ୟୋଗ ୱିଧାନ ମେଁ,**
**ପରଛିନ୍ନ ତତ୍ତ୍ୱ ଭାସ ॥୦୯॥**

ଭାଷ୍ୟ - ଆତ୍ମା, ମନ ଏବଂ ଶରୀର ଏବଂ ସର୍ବ ଅବସ୍ଥାରେ ସେହି ପରମପ୍ରଭୁ ସମସ୍ତଙ୍କ ସମୀପରେ ରହିଛନ୍ତି । ଅନୁଭବ ଯୋଗ-ରୀତିରେ ସେହି ସର୍ବବ୍ୟାପକ ପରମ ସତ୍ତାଙ୍କର ସର୍ବତ୍ର ଅନୁଭବ ହୋଇଥାଏ ।

**ସମିଧା ମେଁ ଜ୍ୟୋଁ ଅଗିନ ହୈ,**
**ଘଟ ପଟ ବ୍ୟାପକ ସୋୟ ।**
**ୟୋଗ ଭେଦ ସଂଘର୍ଘ ମେଁ,**
**ପ୍ରକଟେ ସନମୁଖ ସୋୟ ॥୧୦॥**

ଭାଷ୍ୟ - ଯେଉଁ ପ୍ରକାର କାଠରେ ଅଗ୍ନି ଲୁପ୍ତ ରହିଥାଏ ଏବଂ ତାକୁ ଘଷିବା ଦ୍ୱାରା ପ୍ରକଟ ହୋଇଥାଏ, ସେହି ପ୍ରକାର ସମସ୍ତ ଘଟରେ ବ୍ୟାପକ ପରମ ପୁରୁଷ ଯୋଗବିଧାନ ଦ୍ୱାରା ତାହାର ସଂଘର୍ଷରୁ ଆତ୍ମା ସମ୍ମୁଖରେ ପ୍ରକଟ ହୋଇଥାନ୍ତି ।

# ସ୍ୱାସ୍ଥ୍ୟ ଲାଗି ମହୌଷଧୀ ତରଭୁଜ

**ଖ**ରାଦିନିଆ ଫଳ ଭାବରେ ଆମ୍ବ ପଣସ, ସପୁରି, ଲିଚୁ, କାକୁଡି ଓ ତାଳସକ ପରି ତରଭୁଜ ଆଦି ରହିଛି । ଏହି ଫଳ ଭିତରେ ତରଭୁଜ ସ୍ୱାସ୍ଥ୍ୟ ଲାଗି ବିଶେଷ ଗୁଣକାରୀ । ଏଥରେ ଫାଇବର, ପୋଟାସିୟମ, ଆଇରନ, ଭିଟାମିନ-ଏ' ସି' ଲାଇକୋପିନ୍ ଓ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ପ୍ରଚୁର ମାତ୍ରାରେ ରହିଛି । ଏହି ରସଯୁକ୍ତ ଫଳ ଶରୀରକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା, ଡିହାଇଡ୍ରେସନ ଭଳି ସମସ୍ୟା ଦୂର ହୁଏ । ଏହା ବ୍ୟତୀତ ତରଭୁଜ ଖାଇବା ଦ୍ୱାରା ଭୋକ କମ ହେବା ହେତୁ ଓଜନ ବଢ଼ିବାକୁ ଦିଏ ନାହିଁ । ଆସନ୍ତୁ ଜାଣିବା ଖରାଦିନେ ତରଭୁଜ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ କେତେ ଉପକାର ।

ଶରୀରକୁ ଡିହାଇଡ୍ରେଟ ରଖେ: ତରଭୁଜରେ ପ୍ରଚୁର ମାତ୍ରାରେ ପାଣି ରହିଛି । ଏହାକୁ ଖାଇଲେ ଶରୀରରୁ ଜଳୀୟ ଅଂଶ ହ୍ରାସକୁ ଦୂର କରିଥାଏ । ଏହା ବ୍ୟତୀତ ଡିହାଇଡ୍ରେସନ ଯୋଗୁଁ ଉପୁଜୁଥିବା ସମସ୍ୟା ଯେପରି ଅଣ୍ଟା ଯନ୍ତ୍ରଣା, ମୁଣ୍ଡ ବୁଲାଇବା, ପାଟିରେ ତୁଣ୍ଡୁଘା ହେବା ଭଳି ସମସ୍ୟା ଦୂର ହୋଇଥାଏ । ତେଣୁ ଖରାଦିନେ ତରଭୁଜ ନିହାତି ଖାଆନ୍ତୁ ।

ବ୍ଲଡ ପ୍ରେସର ନିୟନ୍ତ୍ରଣ ରହେ: ତରଭୁଜରେ ସେଟ୍ରାଲାଇନ୍ ନାମକ



ଏମିନୋ ଏସିଡ୍ ଗଚ୍ଛିତ ରହିଥାଏ । ଏହା ବ୍ଲଡ ପ୍ରେସରକୁ ନିୟନ୍ତ୍ରଣରେ ରଖିଥାଏ । ହାଇ ବ୍ଲଡ ପ୍ରେସର ରୋଗୀଙ୍କ ପାଇଁ ତରଭୁଜ ମହୌଷଧୀ ତୁଲ୍ୟ କାମ କରିଥାଏ ।

ପାଚନ ତନ୍ତ୍ର ସୁସ୍ଥ ରଖେ: ତରଭୁଜ ଖାଇବା ଦ୍ୱାରା ପାଚନ ସମ୍ବନ୍ଧିତ ସମସ୍ୟାରୁ ମୁକ୍ତି ମିଳିଥାଏ । ଏଥିରେ ଥିବା ଫାଇବର ପାଚନତନ୍ତ୍ରକୁ ମଜଭୁତ କରିବାରେ ସହାୟକ ହୁଏ । ଡାଇରିଆ ଏବଂ ଗ୍ୟାସ ଭଳି ସମସ୍ୟା ଦୂର ହୁଏ ।

ଇମ୍ୟୁନିଟି ମଜଭୁତ ହୁଏ: ଏଥିରେ ପ୍ରଚୁର ପରିମାଣର ଭିଟାମିନ -ସି' ରହିଛି । ଯାହାକି ଇମ୍ୟୁନିଟି ମଜଭୁତ କରିବାରେ ସହାୟକ ହୁଏ । ଆନ୍ତରେ ବଢୁଥିବା ବ୍ୟାକ୍ଟେରିଆକୁ ଦୂର କରେ, ଯଦ୍ୱାରା ଇମ୍ୟୁନିଟି ପାୱାର ମଜଭୁତ ହୋଇଥାଏ ।

ଶ୍ୱାସ ରୋଗୀ ଖାଇପାରିବେ: ଏଥିରେ ଲାଇକୋପିନ୍ ରହିଥାଏ । ଏଥିସହିତ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶ୍ୱାସ ରୋଗୀଙ୍କ ପାଇଁ ଫଳପ୍ରଦ । ତରଭୁଜରେ ଭିଟାମିନ-ଏ' ପ୍ରଚୁର ମାତ୍ରାରେ ରହିଛି, ଯାହା ଶ୍ୱାସ ରୋଗୀଙ୍କ ଲାଗି ଉପକାରୀ ।

## ଟିକିଏ ହସନ୍ତୁ

ମୀନା ରୂପାକୁ: ଆଜି ମୁଁ ଆମ ପଡୋଶୀ ଆଣ୍ଟିଙ୍କୁ ପାନେ ଦେଇଛି ।
ରୂପା : କଥାଟା କ'ଣ ମତେ ଭଲରେ କହିଲୁ ।
ମୀନା : ସାଇପଡିଶାରେ ଯାହାର ବି ବାହାଘର ହୁଏ ସବୁବେଳେ ସେ ମୋ ଗାଲ ଚିପି କହନ୍ତି, 'ଏବେ ତୋ ପାଳି ଆସୁଛି ।' ମତେ ଭାରି ରାଗଲାଗେ ।
ରୂପା: ଓଃ, ତେବେ ତୁ ତାଙ୍କୁ ପାନେ କେମିତି ଚଖେଇଲୁ ?
ମୀନା: କାଲି ଆମ ସାହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଗଲା । ମୁଁ କ'ଣ କଲିନା ସେ ଆଣ୍ଟିଙ୍କ ପାଖକୁ ଯାଇ ତାଙ୍କ ହାତକୁ ଧରି କହିଲି– 'ୟା ପରେ ବୋଧେ ଆପଣଙ୍କ ପାଳି ଆସିବ ।

× × × ×

ଯୁବକକୁ ଯୁବତୀ: କ'ଣ କରୁଛ ?
ଯୁବକ : ମଶା ମାରୁଛି ।
ଯୁବତୀ: କେତେଟା ମାରିଲ ?
ଯୁବକ : ୫ଟା । ତିନୋଟି ଫିମେଲ୍, ଦୁଇଟି ମେଲ୍ ।
ଯୁବତୀ : ତମେ କେମିତି ଜାଣିଲ, ସେ ମେଲ୍ ନା ଫିମେଲ୍ ବୋଲି ।
ଯୁବକ : ସେଥିରୁ ୩ଟି ମଶା ଆଇନା ପାଖରେ ଓ ୨ଟି ବିୟର୍ ପାଖରେ ବସିଥିଲେ ।



× × × ×

ଚମ୍ପୁର ସେଲୁନ୍‌କୁ ପପୁ ଯାଇଥିଲା ।
ଚମ୍ପୁ: ଆରେ ପପୁ ଭାଇ ଆସ । ଦାଢ଼ି ଖିଅର ହେବ ?
ପପୁ: ହଁ ।
ଚମ୍ପୁ: ନିଶ ରଖିବ କି ?
ପପୁ: ହଁ ।
ଖିଅର କରିବା ପରେ ନିଶ କାଟି ପପୁ ହାତରେ ଧରାଇ-
ଚମ୍ପୁ: ଏଇ ନିଅ ତମ ନିଶ, ଯୋଉଠି ମନ ସେଇଠି ରଖିଦେବ ।

× × × × ×

ଶିକ୍ଷକ ପଚାରିଲେ : କେଉଁ ହାତ ଲେଖିବା ପାଇଁ ସର୍ବୋତ୍ତମ ?
ଜଣେ ଛାତ୍ର ଉତ୍ତର ଦେଲା – କେଉଁଟା ବି ନୁହେଁ ।
କାରଣ ଆମେ ହାତରେ ନୁହେଁ ବରଂ କଲମରେ ଲେଖିଥାଉ ।

# ପ୍ରାକୃତିକ ଜୀବନ...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଔଷଧ ରୂପରେ ବିଷ, ଗନ୍ଧକ, ଆଲ୍‌କୋହଲ ଆଦି ପଦାର୍ଥ ଆମ ଶରୀରରେ ପ୍ରବେଶ କରି ରୋଗକୁ ଆହୁରି ଅସାଧ ତଥା ଅବୟବକୁ ଦୁର୍ବଳ ବନାଇ ଦିଅନ୍ତି । ଏକ ପ୍ରକାରର ଔଷଧି ବାରମ୍ବାର ପ୍ରୟୋଗ କଲେ ତା'ର ପ୍ରଭାବ କମ୍ ହେବାରେ ଲାଗେ ତଥା ସେହି ଔଷଧି ମଧ ବିଜାତୀୟ ଦ୍ରବ୍ୟ ରୂପରେ ଶରୀର ଭିତରେ ଏକତ୍ର ହେବାରେ ଲାଗେ । ଜମିଥିବା ଆବର୍ଜନା ଯେତେବେଳେ ବିଭିନ୍ନ ରୂପରେ ଶରୀରର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗରେ ଜମା ହୋଇଯାଏ, ସେତେବେଳେ ରକ୍ତଚାପ, ମୂର୍ଚ୍ଛା, ହିଷ୍ଟିରିୟା, ଉନ୍ମାଦ, ପକ୍ଷାଘାତ ଆଦି ରୋଗ ସୃଷ୍ଟି ହୁଏ । ଏହି ବିଜାତୀୟ ଦ୍ରବ୍ୟ ଜନନେନ୍ଦ୍ରିୟରେ ପହଞ୍ଚି ନପୁଂସକତା, ଧାତୁରୋଗ ଆଦିରୂପେ ପ୍ରକଟ ହୁଏ । ସନ୍ଧିସ୍ଥାନରେ ଜମା ହେଲେ ସନ୍ଧିବାତ, ସନ୍ଧିବ୍ୟଥା, ପେଟରେ ଜମା ହେଲେ ଯକୃତ ବିଷୟକ ରୋଗ, ପେଟ ଫୁଲିବା, ବୃକ୍‌କରେ ଜମା ହେଲେ ମୂତ୍ରବିକାର, ପଥୁରି ଆଦି ରୂପ ଧାରଣ କରିନିଏ ।

କୃତ୍ରିମ ଜୀବନ ପଦ୍ଧତି ନାନା ରୋଗକୁ ଜନ୍ମ ଦିଏ । ଯଦି ନିଜର ଜୀବନ ଶୈଳୀରେ ସୁଧାର କରିଦିଆଯାଏ, ପ୍ରାକୃତିକ ଜୀବନଶୈଳୀ ଅବଲମ୍ବନ କରାଯାଏ, ସାଦା ଓ ସହଜ ଜୀବନକୁ ପ୍ରମୁଖତା ଦିଆଯାଏ, ତେବେ କୌଣସି କାରଣ ନାହିଁ ଯେ, ବାରମ୍ବାର ରୋଗର ଶିକାର ହୋଇ ସମୟରେ ରୋଗଶଯ୍ୟାରେ ପଡ଼ିବାକୁ ହେବ ।

ପ୍ରାକୃତିକ ଭୋଜନରୁ ଲାଭ: କ୍ଷୁଧା' ନିବାରଣ ପାଇଁ ଖାଦ୍ୟ ପଦାର୍ଥ ଗ୍ରହଣ କରାଯାଏ । ସାଧାରଣରୂପେ ଭୋଜ୍ୟ ପଦାର୍ଥକୁ ଭୋକ ମେଣ୍ଟାଇବା ଓ ପେଟ ପୂରାଇବାର ସାଧନ ରୂପରେ ଧରାଯାଏ । କିନ୍ତୁ ଏହା କେବଳ ସେତିକିରେ ହିଁ ସୀମିତ ନଥାଏ । ଏଥିରେ ଅମୃତୋପମ ଗୁଣ ରହିଛି, ଯାହା ପ୍ରଥମତଃ ଅନେକ ରୋଗକୁ ଶରୀରରେ ପ୍ରବେଶ କରିବାକୁ ଦିଏନାହିଁ ଏବଂ ଅନେକ ରୋଗରେ ଔଷଧିଭଳି ରୋଗନାଶକର କାର୍ଯ୍ୟ କରିଥାଏ । ଦୃଷ୍ଟାନ୍ତ ସ୍ୱରୂପ କଲରାକୁ ନିଅନ୍ତୁ । ପିତା ସ୍ୱାଦଯୁକ୍ତ ଏହି ପରିବାଟି ସବୁ ଜାଗାରେ ମିଳେ । ଏହାକୁ ତରକାରୀ ରୂପେ ପ୍ରୟୋଗ କରାଯାଏ । କିନ୍ତୁ ଏହା ମଧୁମେହକୁ ଠିକ୍ କରିବାରେ ଆଶ୍ଚର୍ଯ୍ୟଜନକ କାମ କରେ । ଚିକିତ୍ସା କ୍ଷେତ୍ରର ବିଖ୍ୟାତ ପତ୍ରିକା 'ବ୍ରିଟିଶ ମେଡିକାଲ ଜର୍ନଲ'ରେ କିଛିଦିନ ପୂର୍ବରୁ ସାତଟି ବୈଜ୍ଞାନିକଙ୍କଦ୍ୱାରା ସଂଯୁକ୍ତ ରୂପରେ ଲିଖିତ ଏକ ଗବେଷଣ ପତ୍ର ପ୍ରକାଶିତ ହୋଇଥିଲା । ଏହି ବୈଜ୍ଞାନିକମାନେ ବିଭିନ୍ନ ପ୍ରୟୋଗର ଉଦାହରଣ ଦେଇ ପ୍ରମାଣିତ କରିଛନ୍ତି ଯେ, ରକ୍ତରେ ଗ୍ଲୁକୋଜର ସଂକେନ୍ଦ୍ରଣ (କନସ୍ଟ୍ରେସନ) ହେବାଦ୍ୱାରା ମଧୁମେହ ହୋଇଥାଏ । ଦୈନିକ ଆହାରରେ କଲରା ପ୍ରୟୋଗ କଲେ ରକ୍ତ- ଗ୍ଲୁକୋଜ (ସର୍କରା)କୁ ହଜମ କରିବାର ଶକ୍ତି ବଢ଼ିଯାଏ । ମଧୁମେହ ରୋଗୀକୁ କଲରା ରସ ପିଆଇଲେ ରକ୍ତରେ ଗ୍ଲୁକୋଜର ସଂକେନ୍ଦ୍ରଣ କମିବାର ଦେଖାଯାଇଛି ।

ନ୍ୟୁଟ୍ରିସନ, ଆର୍ଟିରିୟୋସସ୍କୋରୋସିସ ତଥା ଡାଇବିଟିଜ ବିଷୟରେ ଆୟୋଜିତ ଏକ ସଂଗୋଷ୍ଠୀରେ ବିଶ୍ୱର ଶୀର୍ଷସ୍ଥ ବୈଜ୍ଞାନିକ ଏକମତ ହୋଇ ଘୋଷଣା କରିଛନ୍ତି, ଦହି, ଘୋଳଦହି, କଞ୍ଚା ଶାଗ ତଥା ସୋୟାବିନର ଉପଯୋଗ କଲେ ମଧୁମେହ ଏବଂ ଧମନୀ – କଠିନତା ସମସ୍ୟାରେ ଭଲ ଲାଭ ହୋଇଥାଏ । ପ୍ରୟୋଗଶାଳାରେ ହୋଇଥିବା ଗବେଷଣାରୁ ଜ୍ଞାତ ହୋଇଛି, ଦହିରେ ହାଇଡ୍ରୋକ୍ସି ମିଥାଇଲ ଗ୍ଲୁଟେରିକ ଏସିଡ୍ ହୋଇଥାଏ, ଯାହା ରକ୍ତରେ କୋଲେଷ୍ଟ୍ରୋଲକୁ ନିୟନ୍ତ୍ରିତ କରେ । ମଧ ଆଫ୍ରିକାର ମସାଇ ଜାତିର ଲୋକେ ଅତ୍ୟଧିକ ମାତ୍ରାରେ ଦହି ସେବନ କରନ୍ତି । ଚିକିତ୍ସକୀୟ ଅଧ୍ୟୟନରୁ ଜ୍ଞାତ ହୋଇଛି, ସେମାନଙ୍କୁ ହୃଦୟାଘାତ, ପକ୍ଷାଘାତ ଓ ଧମନୀକାଠିନ୍ୟ ସମସ୍ୟା ବେଶୀ ହୁଏନାହିଁ ।

ସ୍ୱାସ୍ଥ୍ୟ ସମସ୍ୟାର ଚର୍ଚ୍ଚା ହେଲେ ସାଧାରଣତଃ ଏହି ସମସ୍ୟାକୁ ଅଭାବ ସହିତ ଯୋଡ଼ି ଗରିବ ଲୋକେ ଭଲ ଚିକିତ୍ସା ଅଭାବରୁ ରୋଗଗ୍ରସ୍ତ ରହିବା ଏବଂ ଧନୀ ଲୋକେ ଅଧିକ ସୁସ୍ଥ ରହିବା କଥା କୁହାଯାଏ, ଯଦ୍ୟପି ହୋଇଥାଏ ଏହାର ବିପରୀତ । କାରଣ ଗରିବ ଲେକେ ପ୍ରକୃତି ସହିତ ଦିନ ବତାଇଥାନ୍ତି । ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖେତରେ କଠିନ ପରିଶ୍ରମ କରନ୍ତି ଓ ସାଦା ଭୋଜନ କରିଥାନ୍ତି । ଏହି ସମୁଚିତ ଶ୍ରମ ଏବଂ ସାଦା ଆହାର ବିହାର ହିଁ ତ ଉତ୍ତମ ସ୍ୱାସ୍ଥ୍ୟର ରହସ୍ୟ !

# କାକୁଡିର ଉପକାରିତା

ଶରୀରକୁ ଥଣ୍ଡା ରଖିବା ପାଇଁ ନିୟମିତ ଭାବେ କାକୁଡି ଖାଆନ୍ତୁ । ଖରାଦିନେ ଏହା ଏକ ଭଲ ଖାଦ୍ୟ । ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହୋଇଥାଏ । ଏହାକୁ ପ୍ରତିଦିନ ଖାଇଲେ ଏସିଡିଟି ଏବଂ ଛାତି ଜଳିବା ଭଳି ସମସ୍ୟା ଦେଖାଦିଏ ନାହିଁ ।

ପୁଷ୍ଟିସାର, ଶ୍ୱେତସାର, କାଲସିୟମ୍, ଲୌହ, ଫସ୍ଫରସ୍, ସୋଡିଅମ୍ ଆଦିରେ କାକୁଡି ସମୃଦ୍ଧ । ପ୍ରତି ଦିନ କାକୁଡି ଖାଇଲେ ଶରୀରକୁ ଶକ୍ତି ମିଳେ, ସତେଜ ଲାଗେ ।

ସକାଳେ ଖାଲି ପେଟରେ କାକୁଡି ରସ ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ବର୍ଜ୍ୟ ପଦାର୍ଥ ବାହାରିଯାଏ । କୋଷ୍ଠକାଠିନ୍ୟ, ବାୟୁ ଦୋଷ ଦୂର ହୁଏ । ବୃକ୍କ ସୁସ୍ଥ ରହେ । ଉଚ୍ଚ ରକ୍ତ ଚାପ କମେ । ଜ୍ୱର ଛାଡିବା ପରେ କାକୁଡି ରସ ପିଇଲେ ଦୁର୍ବଳତା ଦୂର ହୁଏ । କ୍ଳାନ୍ତି ହ୍ରାସ ପାଇଁ କାକୁଡି ରସ ପିଅନ୍ତୁ ।

ଗୋଲ ଓ ଫିତା କୃମି ସମସ୍ୟା ଥିଲେ ନିୟମିତ କାକୁଡି ରସ ପିଅନ୍ତୁ । ଏଥିରେ ଥିବା ଇରେପସିନ୍ ଏନଜାଇମ୍ କୃମି ଦୋଷ ଦୂର କରାଏ, ଅନ୍ତ ସଫା ରଖେ ।

ମଧୁମେହ ରୋଗୀଙ୍କ ପାଇଁ କାକୁଡି ରସ ଉପକାରୀ । ଏହା ଇନସୁଲିନ୍ ମାତ୍ରାକୁ ସନ୍ତୁଳିତ ରଖେ । ନିୟମିତ କାକୁଡ଼ି ଖାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ



ସ୍ତନ ଓ ଗ୍ରନ୍ଥି କର୍କଟ ଆଶଙ୍କା କମ୍ ।

ତ୍ୱଚାର ଚମକ ବଢ଼ାଇବା ପାଇଁ ଦୁଇ ଚାମଚ କାକୁଡି ରସରେ ପାଞ୍ଚ ଛଅ ଟୋପା ଲେମ୍ବୁ ରସ ଓ ଚିମୁଟାଏ ବଟା ହଳଦୀ ଫେଣ୍ଟି ମୁହଁ, ବେକରେ ଲଗାନ୍ତୁ ।

ତ୍ୱଚାରୁ ବ୍ରଣ, କଳା ଦାଗ ଦୂର କରିବା ପାଇଁ ପ୍ରତି ଦିନ କାକୁଡି ରସ ପିଅନ୍ତୁ । ଖାଲି ପେଟରେ ପିଇବା ଭଲ । ଗାଧୋଇବା ପୂର୍ବରୁ କେଶରେ କାକୁଡି ରସ ଲଗାନ୍ତୁ । କେଶ ମୂଳ ଶକ୍ତ ହୁଏ । କଳା ଓ ଘନ କେଶ ପାଇଁ ସମାନ ପରିମାଣର କାକୁଡି, ପାଳଙ୍ଗ ଓ ଗାଜର ରସ ନିୟମିତ ପିଅନ୍ତୁ ।

ମୁଣ୍ଡ ବିନ୍ଧୁଥିଲେ, ରାତିରେ କାକୁଡି ଖାଇ ଶୋଇପଡନ୍ତୁ । ସକାଳେ ବିନ୍ଧା ନ ଥିବ । କାକୁଡିରେ ଥିବା ଭିଟାମିନ୍ ବି, ଶର୍କରା ଓ ଇଲେକ୍ଟ୍ରୋଲାଇଟ୍ ଉପାଦାନ ଏହି ସମସ୍ୟା ଦୂର କରିଦିଏ ।

# ୟୁରିକ୍ ଏସିଡ୍ ହ୍ରାସ କରେ ଏହି ଜୁସ୍

ଖରାପ ଖାଦ୍ୟାଭ୍ୟାସ ଏବଂ ଅନିୟମିତ ଜୀବନଶୈଳୀ ହେତୁ ଆଜିକାଲି ଲୋକଙ୍କ ମଧ୍ୟରେ ୟୁରିକ୍ ଏସିଡ୍ ସମସ୍ୟା ଦ୍ରୁତ ଗତିରେ ବଢିବାରେ ଲାଗିଛି । ବାସ୍ତବରେ ୟୁରିକ୍ ଏସିଡ୍ ହେଉଛି ଆମ ଶରୀରରେ ସୃଷ୍ଟି ହୋଇଥିବା ଏକ ବିଷାକ୍ତ ପଦାର୍ଥ, ଯାହା ପ୍ୟୁରିନ୍ ନାମକ ଏକ ରାସାୟନିକ ପଦାର୍ଥ ଦ୍ୱାରା ସୃଷ୍ଟି ହୋଇଥାଏ । ଏହା କିଡନୀ ଦ୍ୱାରା ଫିଲ୍ଟର୍ ହୋଇ ପରିସ୍ରା ମାଧ୍ୟମରେ ନିର୍ଗତ ହୁଏ । କିନ୍ତୁ ଯେତେବେଳେ କିଡନୀ ସଠିକ୍ ଭାବରେ କାମ କରେ ନାହିଁ, ଏହା ସ୍ଫଟିକ ଆକାରରେ ଗଣ୍ଠିରେ ଜମା ହେବା ଆରମ୍ଭ କରେ । ଏହି କାରଣରୁ ଗଣ୍ଠିରେ ଯନ୍ତ୍ରଣା ଏବଂ ଫୁଲା ଭଳି ଅନେକ ପ୍ରକାରର ସମସ୍ୟା ଦେଖାଦେଇଥାଏ । ଶରୀରରେ ୟୁରିକ୍ ଏସିଡ ସ୍ତରକୁ ନିୟନ୍ତ୍ରଣ କରିବା ପାଇଁ ଦୈନନ୍ଦିନ ଖାଦ୍ୟର ବିଶେଷ ଯତ୍ନ ନେବା ଉଚିତ୍ । ଏହା ବ୍ୟତୀତ କେତେକ ଘରୋଇ ଉପଚାର ମଧ୍ୟ ୟୁରିକ୍ ଏସିଡ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

କଳରା ଜୁସ୍ : ଶରୀରରେ ୟୁରିକ ଏସିଡ ସ୍ତରକୁ ହ୍ରାସ କରିବାକୁ ହେଲେ କଲରା ଜୁସ ପିଇବା ବେଶ ଉପକାରୀ । ଏଥିରେ ଅନେକ ଔଷଧୀୟ ଗୁଣ



ଭରପୁର ରହିଛି । ଏହାବ୍ୟତୀତ କଲରାରେ ଭିଟାମିନ-ସି. ଆଇରନ, ମାଗ୍ନେସିୟମ,ପୋଟାସିୟମ ଓ ବିଟା କ୍ୟାରୋଟିନ ଭଳି ପୋଷକ ତତ୍ତ୍ୱ ରହିଛି । ଏହା ବ୍ଲଡ ପ୍ୟୁରିଫାଏ କରିବାରେ ସହାୟକ ହୁଏ । ନିୟମିତ କଲରା ଜୁସ ସେବନ କରିବା ଦ୍ୱାରା ଆଣ୍ଠୁ ଯନ୍ତ୍ରଣା ଓ ଫୁଲା ସମସ୍ୟା ହ୍ରାସ ହୋଇଥାଏ ।

ଅନ୍ୟାନ୍ୟ ଉପକାରିତା: ସକାଳୁ ଖାଲିପେଟରେ କଲରାଜୁସ ପିଇବା ଦ୍ୱାରା ଡାଇବେଟିସ କଣ୍ଟ୍ରୋଲ ହୋଇଥାଏ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଓଜନ ହ୍ରାସ ହୁଏ । ଲିଭର କାର୍ଯ୍ୟକ୍ଷମତାକୁ ସୁଦୃଢ଼ ରଖେ । ହାଇ ବ୍ଲଡପ୍ରେସର ନିୟନ୍ତ୍ରଣରେ ରୁହେ ।

## ଆପଣ ଜାଣନ୍ତି କି ?

- ସାରା ବିଶ୍ୱରେ ଏବେ ଚାଲୁଛି ଶହେ କୋଟିରୁ ଅଧିକ କାର୍ । ହିଟଲର ବନ୍ଦୀ ଥିବାବେଳେ ମର୍ସିଡିଜ୍ କାରଟିଏ କିଣିବା ନିମନ୍ତେ ଋଣ ଆବେଦନ କରିଥିଲେ ।
- ଏକଦା ଏକ ଛୋଟିଆ କାର୍ ଭିତରେ ଊଣେଇଶ ଜଣ ଯୁବତୀ ପ୍ରବେଶ କରି ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ ।
- ସାଧାରଣ କାର୍‌ର ଯନ୍ତ୍ରାଂଶ ସଂଖ୍ୟା ୩୦ ହଜାର ।
- ବ୍ରାଜିଲର ୯୨ ପ୍ରତିଶତ ନୂଆ କାର୍ ଆଖୁରୁ ପ୍ରସ୍ତୁତ ଇନ୍ଧନ 'ଇଥାନଲ୍'ରେ ଚାଲୁଛି ।
- ୧୮୯୧ ରେ ଓହିଓରେ ପ୍ରଥମ କାର୍ ଦୁର୍ଘଟଣା ଘଟିଥିଲା ।
- ଋଷିଆରେ ଅପରିଷ୍କାର କାର୍ ଚଳାଇବା ଏକ ଅପରାଧ ।
- ତୁର୍କମେନିସ୍ତାନରେ କାର ମାଲିକମାନଙ୍କୁ ପ୍ରତି ମାସରେ ୧୨୦ ଲିଟର ପେଟ୍ରୋଲ ମାଗଣା ମିଳେ ।
- ଲସ୍ ଏଞ୍ଜେଲସରେ ମଣିଷଙ୍କଠାରୁ କାର୍ ସଂଖ୍ୟା ଅଧିକ ।
- ଏକ ନିୟୁତ ଡଲାରର ପ୍ରଥମ ବିଶ୍ୱ ଶିକ୍ଷକ ପୁରସ୍କାର ନାନସୀ ଆଟୱେଲ ପାଇଥିଲେ ।
- ଭାରତରେ ଅଧିକାଂଶ ଲୋକଙ୍କର ଅର୍ଥନୀତି ସମ୍ପର୍କରେ ଜ୍ଞାନ ନାହିଁ ୭୬ ପ୍ରତିଶତ ଭାରତୀୟ ମୁଦ୍ରାସ୍ଫୀତି, ସୁଧହାର ବୁଝନ୍ତି ନାହିଁ ।
- ପୃଥିବୀରେ ହାରାହାରି ୬୬ ପ୍ରତିଶତ ଲୋକଙ୍କର ଆର୍ଥିକ ସାକ୍ଷରତା ଅର୍ଥାତ୍ ଅର୍ଥନୀତି ସମ୍ପର୍କିତ ଜ୍ଞାନ ନାହିଁ । ଭାରତରେ ୭୩ ପ୍ରତିଶତ ପୁରୁଷ ଓ ୮୦ ପ୍ରତିଶତ ମହିଳା ଆର୍ଥିକ ଦୃଷ୍ଟିରୁ ସାକ୍ଷର ନୁହନ୍ତି । ମୋଟା ମୋଟି ଭାବେ ଭାରତରେ ୨୪ ପ୍ରତିଶତ ଲୋକ ଆର୍ଥିକ ସାକ୍ଷର ।

## ଅଙ୍ଗୁରର ଉପାଦେୟତା



ମାଇଗ୍ରେନ୍ ରୋଗୀ ନିୟମିତ ଅଙ୍ଗୁର ଖାଇଲେ ସେମାନଙ୍କୁ ଆରାମ ମିଳେ ।

ବାରମ୍ବାର ବାନ୍ତି ଲାଗିଲେ କିମ୍ବା ଅରୁଚି ଲାଗିଲେ ଏହାର ରସ ଅଳ୍ପ ପରିମାଣରେ ପିଇବା ଲାଭଦାୟକ ।

ପେଟ ଗରମ ରହିଲେ ରାତିରେ ୫-୧୦ ଟି ଅଙ୍ଗୁର ପାଣିରେ ବତୁରାଇ ରଖନ୍ତୁ । ସକାଳୁ ତାହାକୁ ଚକଟି ଏକ ଚାମଚ ଚିନି ସହ ଖାଆନ୍ତୁ ।

ସ୍ତନ କର୍କଟ ରୋଗରୁ ରକ୍ଷା ପାଇଁ ଏହା ଏକ ଉତ୍ତମ ଫଳ ।

ଛୋଟ ପିଲାଙ୍କୁ ଅଙ୍ଗୁର ଖୁଆଇଲେ ସେମାନଙ୍କ ବୁଦ୍ଧି ବିକଶିତ ହୁଏ ।

ଯୁବତୀମାନେ ଅଙ୍ଗୁର ରସକୁ ବେସନ ସହ ମିଶାଇ ଲଗାଇଲେ ରଙ୍ଗ ସଫା ହୋଇଥାଏ ।

ଏଥିରେ ଭିଟାମିନ୍ ଏ ପ୍ରଚୁର ପରିମାଣରେ ଥାଏ । ସେଥିପାଇଁ ଏହାକୁ ଖାଇଲେ ଭୋକ ବଢ଼େ ।

## ଉଚ୍ଚ ରକ୍ତଚାପର ଘରୋଇ ଉପଚାର

ଅବ୍ୟବସ୍ଥିତ ଜୀବନଶୈଳୀ ଭୟାନକ ରୋଗର କାରଣ ସାଜୁଛି । ଏହି ରୋଗ ମଧ୍ୟରେ ଉଚ୍ଚ ରକ୍ତଚାପ, ସୁଗାର ଓ ହୃଦରୋଗ ମୁଖ୍ୟ ସମସ୍ୟା । ଉଚ୍ଚ ରକ୍ତଚାପ ଏବେ ବଡ଼ ଘାତକ । ଏମିତିରେ ଦେଖିବାକୁ ଗଲେ ପ୍ରତି ୫ ଜଣଙ୍କ ମଧ୍ୟରେ ପ୍ରାୟ ୨ ଜଣ ଉଚ୍ଚ ରକ୍ତଚାପରେ ପୀଡିତ ବୋଲି ଏକ ଅନୁଧ୍ୟାନରୁ ଜଣାପଡିଛି । ଘରୋଇ ଚିକିତ୍ସାରେ ଉଚ୍ଚ ରକ୍ତଚାପର ଉପଚାର କରି ପାରିବେ ।



କାରଣ: ମସଲାଯୁକ୍ତ ଖାଦ୍ୟ, ମଦ, ସିଗାରେଟ୍, ଅଧିକ ଲୁଣ ସେବନ, ଜଙ୍କଫୁଡ, ବ୍ୟାୟାମ ନ କରିବା, ମୋଟାପା, କିଡନୀ ବା ଡାଇବେଟିସ ଏହାର ମୁଖ୍ୟ କାରଣ ହୋଇଥାଏ ।

ଡାଲଚିନି ପାଉଡ଼ର: ଅଧା ଚାମଚ ଡାଲଚିନି ପାଉଡର ପ୍ରତିଦିନ ସକାଳୁ ପାଣିରେ ସେବନ କରନ୍ତୁ । ଏହା ହାଇବ୍ଲଡ ପ୍ରେସର ଦୂର କରେ ।

ଲାଉ ରସ: ସକାଳୁ ଖାଲି ପେଟରେ ଲାଉ ରସ ସେବନ କରିବା ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା କମିଯାଏ । ଏହା ବ୍ୟତୀତ ହୃଦରୋଗ ବା ଡାଇବେଟିସ୍ ରୋଗ ଦୂର ହୋଇଥାଏ ।

## କୋଲୋନ୍ କ୍ୟାନସର ଓ ଭେଣ୍ଡି

କୋଲୋନ୍ କ୍ୟାନସରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଭେଣ୍ଡି ଉପକାରୀ ସାବ୍ୟସ୍ତ ହୋଇଥାଏ । ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଭେଣ୍ଡିର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ ଗବେଷଣା କରିବା ସମୟରେ ଏ ସମ୍ପର୍କରେ ଜାଣି



ପାରିଛନ୍ତି । ସେମାନଙ୍କ ଦ୍ୱାରା ସମ୍ପାଦିତ ସଦ୍ୟ ଗବେଷଣାରୁ ଏହା ଜଣାପଡିଛି । ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଭେଣ୍ଡି ଖାଆନ୍ତି ତେବେ ସେ କୋଲୋନ୍ କ୍ୟାନସର ଠାରୁ ନିଜକୁ ଦୁରେଇ ରଖିପାରିବେ । ତା' ସହ ଏଥିରେ ଆକ୍ରାନ୍ତ କେତେକାଂଶରେ ଉପଶମ ଲାଭ କରିବେ । କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ଚର୍ବି ଅଂଶ କମିଥାଏ ।

## କହିପାରିବେ କି ?

(୧) କାହାର କାର୍‌ରେ କେବେ ବି ନମ୍ବର ପ୍ଲେଟ୍ ଲାଗି ନ ଥିଲା ?
(୨) ମଣିଷ ଛଡ଼ା ଆଉ କେଉଁ ପ୍ରାଣୀ ପରସ୍ପର ମଧ୍ୟରେ ନାମକରଣ କରିଥାନ୍ତି ?
(୩) କେତେ ପ୍ରତିଶତ ଲୋକଙ୍କ ଆଖି ଡୋଳା ସବୁଜ ରହିଥାଏ ?
(୪) କେଉଁ ପ୍ରାଣୀ କେବେ ବି ନିଜ ସାଥୀଙ୍କୁ ଏକଲା ଛାଡ଼ନ୍ତି ନାହିଁ ?
(୫) ମିଛ କହିଲା ବେଳେ କେଉଁ ଅଙ୍ଗ ଗରମ ହୋଇଥାଏ ?
(୬) ଏସିଆର ନୋବେଲ ପୁରସ୍କାର କେଉଁ ପୁରସ୍କାରକୁ କୁହାଯାଏ ?
(୭) କେଉଁ ପ୍ରଜାତିର ଗୁଣ୍ଡୁଚି ମୂଷା ପରସ୍ପରକୁ ଦେଖାଦେଲେ ମୁହଁକୁ ମୁହଁ ଲଗାଇ ଅଭିନନ୍ଦନ ଜଣାଇଥାନ୍ତି ?
(୮) ଝିଣ୍ଟିକା କେତେ ଉଚ୍ଚ ପର୍ଯ୍ୟନ୍ତ ଡେଇଁ ପାରେ ?
(୯) କେଉଁ ପ୍ରାଣୀ ଜିଭ ଦ୍ୱାରା ନିଜ ଆଖିକୁ ଚାଟି ସଫା କରିଥାନ୍ତି ?
(୧୦) ମଶା କେଉଁ କେଉଁ ରଙ୍ଗ ପ୍ରତି ବିଶେଷ ଆକର୍ଷିତ ହୋଇଥାନ୍ତି ?

### JUMBLE WORDS

| | | | |
|---|---|---|---|
| 1) FTORN | = | 6) RNINEW | = |
| 2) ROMPIT | = | 7) CROTHO | = |
| 3) DEULHD | = | 8) FARGT | = |
| 4) GAUVE | = | 9) KENAL | = |
| 5) TOMOT | = | 10) SEWEFT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୮୮ଦିନ ,୨. ବ୍ଲେଜ୍ ପାସକଲ, ୩.କୋଆଲା, ସିମ୍ପାଞ୍ଜି ଓ ଗରିଲା, ୪.୧୮ଘଣ୍ଟା, ୫.ପ୍ରେଇରି ଡଗ୍, ୬. ବ୍ଲୁ ହ୍ୱେଲ, ୭.ସୋଡିୟମ କ୍ଲୋରାଇଡ଼ର ମାତ୍ରା ଅଧିକ ଥିବାରୁ, ୮.୪୨୭ ଡିଗ୍ରୀ, ୯.ବ୍ଲୁ ମାରଲିନ୍, ୧୦.ଅଜଗର ।

***Jumble Words* ର ଉତ୍ତର :-**

(1) LIQUID (2) USEFUL (3) ADAGE (4) CAMEO (5) GENIUS
(6) HOTTER (7) HOUND(8) FRUIT (9) AFLOAT (10) INVOKE

# ନାଳିଫିଟା ତଳେ ଡଙ୍ଗାବୁଡ଼ି ଘଟଣାର ଆର୍‌ଡିସି ତଦନ୍ତ ରିପୋର୍ଟ

ସମ୍ବଲପୁର : ଗତ ୧୦ ବର୍ଷ ତଳେ ଜମାଦାରପାଲି ନିକଟରେ ଘଟିଥିବା ଘଟଣା ପରେ ଏହାର ସ୍ଥାୟୀ ପ୍ରତିକାର ପାଇଁ ହୋଇଥିବା ଆର୍‌ଡିସି ତଦନ୍ତ ରିପୋର୍ଟ ବି ଆଜି ସୁଦ୍ଧା ଫାଇଲ ତଳେ ଚାପି ହୋଇ ରହିଛି । ଯଦ୍ୱାରା ଗତ ୧୦ ବର୍ଷ ମଧ୍ୟରେ ୭ରୁ ଅଧିକ ଡଙ୍ଗାବୁଡି ଘଟଣାରେ ୧୫ରୁ ଅଧିକ ଲୋକଙ୍କ ଜୀବନ ଗଲାଣି ।

ଗତ ୨୦୧୪ ଫେବୃଆରୀ ୯ ତାରିଖ ଦିନ ଜଳଭଣ୍ଡାରର ଅକାତ ପାଣିରେ ଜଳସମାଧି ନେଇଥିଲା ଅନେକ ନିଷ୍ପାପ ଶିଶୁ ଓ ମହିଳାଙ୍କ ସମେତ ୩୧ଟି ମୂଲ୍ୟବାନ ଜୀବନ । ସାରା ଦେଶକୁ ଏହି ଘଟଣା ସ୍ତବ୍ଧ କରି ଦେଇଥିଲା । ଏପରିକି ଘଟଣାସ୍ଥଳକୁ ତତ୍କାଳୀନ ୟୁପିଏ ସରକାରର କ୍ଷମତାଶାଳୀ ସାଂସଦ ରାହୁଲ ଗାନ୍ଧୀଙ୍କୁ ବି ଘଟଣାସ୍ଥଳକୁ ଆସିବାକୁ ପଡିଥିଲା । ତେବେ, ଏହି ସମ୍ବେଦନଶୀଳ ଘଟଣାକୁ ଆଜି ଏକ ଦଶନ୍ଧି ପୂରିଛି । ହେଲେ ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିବାରରେ ଖୁସି ଫେରିନାହିଁ ।

ଏହି ଘଟଣା ପରେ ରାଜ୍ୟ ସରକାର ଏହାର କାରଣ, ଦୋଷୀଙ୍କୁ ଠାବ କରିବା ସହ ସ୍ଥାୟୀ ପ୍ରତିକାର ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ଆର୍‌ଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତତ୍କାଳୀନ ଆର୍‌ଡିସି ଡକ୍ଟର ପ୍ରମୋଦ ମେହେର୍ଦ୍ଦା ପ୍ରାୟ ୩ ମାସ ମଧ୍ୟରେ ଏହାର ତଦନ୍ତ କରି ତାଙ୍କ ରିପୋର୍ଟ ବି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ । ଏଥିରେ ସମସ୍ତ ପକ୍ଷ ସମେତ ବିଭିନ୍ନ ବର୍ଗର ଲୋକଙ୍କ ଶୁଣାଣି କରି ଡକ୍ଟର ମେହେର୍ଦ୍ଦା ତାଙ୍କ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଆଉ ନିର୍ଦ୍ଧାରିତ ସମୟରେ ଏହି ରିପୋର୍ଟକୁ ଡକ୍ଟର ମେହେର୍ଦ୍ଦା ରାଜ୍ୟ ସରକାରଙ୍କୁ ପ୍ରଦାନ ମଧ୍ୟ କରିଥିଲେ ।

ହେଲେ ଆଜକୁ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ରିପୋର୍ଟକୁ ରାଜ୍ୟ ସରକାର ଚାପି ରଖିଛନ୍ତି । ଆଜି ସୁଦ୍ଧା ତାହା ସାର୍ବଜନୀନ ହୋଇପାରି ନାହିଁ । ଫଳରେ ଏହି ରିପୋର୍ଟରେ ଥିବା ସୁପାରିଶ ବି ଫାଇଲ ତଳେ ଚାପି ହୋଇଯାଇଛି । ଏହି ଘଟଣା ପରେ ପରେ ରେଙ୍ଗାଲିର ସପ୍ପୁରେ ପୋଲ ନିର୍ମାଣ ଦ୍ୱାରା ଜମାଦାରପାଲିରୁ ଆର ପଟକୁ ଚଳାଚଳ କରୁଥିବା ସମସ୍ତ ଫେରି ଘାଟ ବନ୍ଦ ହୋଇଯାଇଛି । କିନ୍ତୁ, ଝାରସୁଗୁଡା ଏବଂ ବରଗଡ ମଧ୍ୟରେ ବର୍ତ୍ତମାନ ମଧ୍ୟ ଅନେକ ଫେରିଘାଟ କାର୍ଯ୍ୟକ୍ଷମ ରହିଛି । ଏହାବାଦ୍ ଜଳଭଣ୍ଡାର ସଂଲଗ୍ନ ଇବ୍ ନଦୀର ଖିଣ୍ଡା ପତ୍ରାପାଲିରୁ ଝାରସୁଗୁଡା ଜିଲ୍ଲାର କୁତାବଗା ଅଞ୍ଚଳକୁ ମଧ୍ୟ ଫେରିଘାଟ କାର୍ଯ୍ୟକ୍ଷମ ରହିଛି । ଆଉ ସବୁଠି ଲୋକେ ବିପଦଜନକ ଯାତ୍ରା କରୁଛନ୍ତି । ଏହାବାଦ୍ ସମସ୍ତ ମତ୍ସ୍ୟଜୀବୀ ଡଙ୍ଗା ବି ବିନା ସୁରକ୍ଷାରେ ଚଳାଚଳ କରୁଥିବା କଥା ସମସ୍ତଙ୍କୁ ଜଣା । ଏଥିପାଇଁ ବାରମ୍ବାର ହୀରାକୁଦରେ ଡଙ୍ଗାବୁଡି ଲୋକଙ୍କ ଜୀବନ ଯାଉଛି ।

ହୀରାକୁଦ ଜଳଭଣ୍ଡାର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ଶରଧା ଘାଟରେ ଗତ ୧୯ ତାରିଖ ଦିନ ପୁଣି ମର୍ମନ୍ତୁଦ ଡଙ୍ଗାବୁଡି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି । ଏହି ପରିପ୍ରେକ୍ଷୀରେ ଠିକ୍ ୧୦ ବର୍ଷ ତଳେ ସେହି ଜଳଭଣ୍ଡାରରେ ହୋଇଥିବା ଡଙ୍ଗାବୁଡି ଘଟଣା ପୁଣି ଥରେ ତାଜା ହୋଇଯାଇଛି ।

ହୀରାକୁଦ ଜଳଭଣ୍ଡାରରେ ଏହି ୧୦ ବର୍ଷ ମଧ୍ୟରେ ଏକାଧିକ ଥର ଛୋଟ ବଡ ଡଙ୍ଗା ବୁଡି ଘଟଣା ସାମ୍ନାକୁ ଆସି ଅନେକ ପ୍ରାଣହାନି ହେଲାଣି । ଏପରିକି ସେହି ଡଙ୍ଗାବୁଡିର ମାତ୍ର ୪ ମାସ ମଧ୍ୟରେ ଜୁନ୍ ୧ ତାରିଖରେ ହୀରାକୁଦ ଜଳଭଣ୍ଡାରରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ବୁଡିବାରୁ ଝାରସୁଗୁଡା ଏବଂ ବରଗଡ ଜିଲ୍ଲାର ୮ ଜଣଙ୍କ ମୃତ୍ୟୁ ହୋଇଥିଲା । ଆଉ ଏହି ୧୦ ବର୍ଷ ମଧ୍ୟରେ କେବଳ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଏକାଧିକ ଘଟଣାରେ ପ୍ରାୟ ୧୦ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି । ଏହାବାଦ୍ ଉପକୂଳ ଓଡିଶାରେ ମଧ୍ୟ ଅନୁରୂପ ଘଟଣା ବାରମ୍ବାର ସାମ୍ନାକୁ ଆସୁଛି ।

ଶରଧା ଘାଟରେ ଘଟିଥିବା ଡଙ୍ଗାବୁଡି ଘଟଣା ଅସୁରକ୍ଷିତ ଡଙ୍ଗା ଚଳାଚଳର ପ୍ରମୁଖ କାରଣ ବୋଲି ସ୍ପଷ୍ଟ ହେବା ପରେ ଆର୍‌ଡିସିଙ୍କ ସୁପାରିଶର ଗୁରୁତ୍ୱ ଅନେକ ଗୁଣରେ ବଢି ଯାଇଛି । ହୀରାକୁଦର ଜମାଦାରପାଲି ଘଟଣା ପରେ ଡଙ୍ଗା ଚଳାଚଳକୁ ନେଇ ଅନେକ କଟକଣା ଏବଂ ନିୟମ ଲାଗୁ କରାଯାଇଥିଲା । ହେଲେ ତାହା କେବଳ ଦିନ କେଇଟା ପାଇଁ କାଗଜ କଲମରେ ସୀମିତ ରହିଯାଇଛି । ଲୋକେ ବିନା ଲାଇଫ୍ ଜ୍ୟାକେଟ୍, ଟ୍ୟୁବ୍‌ରେ ଯାତ୍ରା କରୁଛନ୍ତି । ଏପରିକି ଶରଧା ଘାଟରେ ଦୁର୍ଘଟଣାର ଶିକାର ହୋଇଥିବା ଡଙ୍ଗା ଫଟା ଥିବା ବେଳେ ସେଥିରେ ବି କ୍ଷମତା ବାହାରେ ଲୋକେ ଯାତ୍ରା କରୁଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ମଧ୍ୟ ଆର୍‌ଡିସିଙ୍କ ତଦନ୍ତ ରିପୋର୍ଟର ପ୍ରାସଙ୍ଗିକତା ରହିଛି । ଯଦିଓ ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାର ପ୍ରକୃତ ଦୋଷୀଙ୍କୁ ଠାବ କରାଯାଇ ପାରିନାହିଁ ତଥାପି ଏହାର ନିରାକରଣ ତଥା ସ୍ଥାୟୀ ପ୍ରତିକାର ପାଇଁ ଦିଆଯାଇଥିବା ସୁପାରିଶକୁ କାର୍ଯ୍ୟକାରୀ କରିବା ଅପରିହାର୍ଯ୍ୟ ହୋଇପଡିଛି ।

# କାର୍ଯ୍ୟରତ ସାମ୍ବାଦିକଙ୍କୁ ପେନସନ ଓ ସୁରକ୍ଷା ଆଇନ ପ୍ରଣୟନକୁ ନିର୍ବାଚନ ଇସ୍ତାହାରରେ ସ୍ଥାନିତ କରାଯାଉ

ବ୍ରହ୍ମପୁର: ଓଡ଼ିଶା ବ୍ୟତୀତ ଭାରତ ବର୍ଷର ବିଭିନ୍ନ ରାଜ୍ୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ସାମ୍ବାଦିକମାନଙ୍କୁ ପେନସନ ସହିତ ସୁରକ୍ଷା ଆଇନ ମଧ ପ୍ରଣୟନ କରାଯାଇଛି । ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରୁ ପ୍ରାୟ ୪ ଦଶନ୍ଧି ଧରି ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ସମ୍ପର୍କରେ ବାରମ୍ବାର ଆଲୋଚନା ହେବା ସହିତ ବିଭିନ୍ନ କମିଟି ମଧ ଗଠନ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ସ୍ୱର୍ଗତ ବିଜୁ ବାବୁ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସଭା ସମିତି ଓ ବିଧାନସଭାରେ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ କରିବା ସମ୍ପର୍କରେ ବହୁବାର ଆଲୋଚନା ହୋଇଥିଲେ ମଧ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରି ନାହିଁ । ନିର୍ବାଚନ ପୂର୍ବରୁ ବର୍ତ୍ତମାନର ସରକାର ସବୁ ବର୍ଗର ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ସହାୟତା ସମ୍ପର୍କରେ ଘୋଷଣା କରିଥିଲେ ମଧ ସାମ୍ବାଦିକ ମାନଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି ।

ଚଳିତ ୨୦୨୪ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳମାନଙ୍କ ଇସ୍ତାହାରରେ ସାମ୍ବାଦିକମାନଙ୍କୁ ସୁବିଧା ସୁଯୋଗ ଦେବା ସମ୍ପର୍କରେ ଘୋଷଣା କରନ୍ତୁ ବୋଲି କ୍ଷୁଦ୍ର ଓ ମଧମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଦାବି କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ, ନିର୍ବାଚନ ଆଚରଣ ବିଧି ପୂର୍ବରୁ ବିଭିନ୍ନ ସାମ୍ବାଦିକ ସଂଗଠନ ସେମାନଙ୍କ ମୌଳିକ ସମସ୍ୟା ଯଥା ସାମ୍ବାଦିକ ସୁରକ୍ଷା ଆଇନ, ବରିଷ୍ଠ ସାମ୍ବାଦିକମାନଙ୍କୁ ପେନସନ, ଗୋପବନ୍ଧୁ ବୀମାକୁ ୧୦ ଲକ୍ଷକୁ ବୃଦ୍ଧି କରି ସେମାନଙ୍କ ପିତାମାତାଙ୍କୁ ସାମିଲ କରିବା, ଅନ୍ୟାନ୍ୟ ରାଜ୍ୟ ଭଳି ସରକାରୀ ଜମି ଯୋଗାଇଦେବା ଓ ପ୍ରେସ୍ ଏକାଡ଼େମୀ ଗଠନ ଇତ୍ୟାଦି ଦାବି କରାଯାଇଥିଲା । କିନ୍ତୁ ବର୍ତ୍ତମାନର ସରକାର ଏ ସମ୍ପର୍କରେ କୌଣସି ଘୋଷଣା କରି ନ ଥିଲେ ଏବଂ ପରବର୍ତ୍ତୀ ସମୟରେ ଆଚରଣ ବିଧି ଲାଗୁ ହୋଇଯାଇଥିଲା । ତେଣୁ ଆଗାମୀ ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ସାମ୍ବାଦିକଙ୍କ ଉପରୋକ୍ତ ସମସ୍ୟା ସମ୍ପର୍କରେ ଘୋଷଣା କରିବେ ବୋଲି ସଂଘ ପକ୍ଷରୁ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତିମାନଙ୍କୁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ରଥ ପ୍ରକାଶ କରିଛନ୍ତି ।

# ଝାରସୁଗୁଡ଼ା ଡିଏଭି ପରିସରରେ ଅଗ୍ନି ସୁରକ୍ଷା ସମ୍ବନ୍ଧିତ ମକ୍‌ଡ୍ରିଲ



ଝାରସୁଗୁଡ଼ା: ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ବେଦାନ୍ତ ତରଫରୁ ବିପର୍ଯ୍ୟୟ ମୁକାବିଲା ତାଲିମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବେଦାନ୍ତ ଆଲୁମିନା ଲିମିଟେଡ଼ ତରଫରୁ ସମସ୍ତ ପ୍ରକାର ବିପର୍ଯ୍ୟୟ ମୁକାବିଲାଜନିତ ବିଭିନ୍ନ କ୍ରିୟାକଳାପ ସବୁ ପରୀକ୍ଷାମୂଳକ ଭାବେ ଆୟୋଜନ କରାଯାଇଥିଲା । ବେଦାନ୍ତ ଲିମିଟେଡ଼ର ୨୦ଜଣିଆ ବିପର୍ଯ୍ୟୟ ମୁକାବିଲା ପରିଚାଳନା ଟିମ ଆମ୍ବୁଲାନ୍ସ, ଅଗ୍ନି ନିର୍ବାପକ ଗାଡ଼ି ଓ ଅଗ୍ନି ନିର୍ବାପକ ଯନ୍ତ୍ର ଆଦି ସହିତ ବିଦ୍ୟାଳୟ ପରିସର ମଧରେ ପହଞ୍ଚି ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଅଗ୍ନିକାଣ୍ଡ ଜନିତ ବିଭିନ୍ନ ପ୍ରକାର ମୁକାବିଲା ଲାଗି ଆଶୁ ବ୍ୟବସ୍ଥା ସମ୍ବନ୍ଧରେ ପରୀକ୍ଷାମୂଳକ ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିପର୍ଯ୍ୟୟ ମୁକାବିଲା ପରିଚାଳନା ସମ୍ବନ୍ଧୀୟ ମକ ଡ୍ରିଲକୁ ଛାତ୍ରଛାତ୍ରୀ ଓ ଅଭିଭାବକମହଲରେ ପ୍ରଶଂସା କରାଯାଇଛି । ବିଦ୍ୟାଳୟର ବିପର୍ଯ୍ୟୟ ମୁକାବିଲା ପରିଚାଳନା କମିଟିର ସଦସ୍ୟବୃନ୍ଦ ପବିତ୍ର ମୋହନ କବି, ବିଜୟ କୁମାର ଦାଶ, ମଞ୍ଜୁଶ୍ରୀ ବେଦୁଲା, ଅଞ୍ଜଳି ବାଲସୁବ୍ରମନ୍ୟମ ଓ ପୁନମ ଆଦିଙ୍କ ସମେତ ଛାତ୍ରଛାତ୍ରୀ ମଧ ପରୀକ୍ଷାମୂଳକ ଭାବେ ଅଗ୍ନି ନିର୍ବାପନ କୌଶଳର ପ୍ରୟୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଆଗ୍ରହ ଓ ଉଦ୍ଦୀପନାର ସହିତ ଅଂଶଗ୍ରହଣ କରିଥିଲେ । ଜରୁରୀକାଳୀନ ସୁରକ୍ଷା ଯୋଗାଉଥିବା ବେଦାନ୍ତ ପାୱାର ଆଣ୍ଡ ସେଫଟି ବିଭାଗୀୟ ଅଧିକାରୀ କେ.ଆର. ଆଶିଷ, ସୁମିତ ସିଂ, ଅଂଶୁମାନ ପତିଦାର, ଗୌରୀଶଙ୍କର ପତି, ନବୀନ ଲାମ୍ବା, ଅଭିଷେକ ଘଡ଼ାଇ, ଗୌତମ ମହାନ୍ତି, ବିଶ୍ୱଜିତ ତ୍ରିପାଠୀ, ଏସ.କେ. ସାହୁ, କୌସ୍ତୁଭ ଦେହୁରୀ, ହରିଶ ଚାନ୍ଦ, ରଜତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଅଗ୍ନି ନିର୍ବାପନ କୌଶଳ ପ୍ରଦର୍ଶନ କରିଥିଲେ । ମକ ଡ୍ରିଲରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଆପାତକାଳୀନ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ତାଲିମରେ ଦକ୍ଷ ପ୍ରତିଭାଗିତାକୁ ଉଚ୍ଚ ପ୍ରଶଂସା କରାଯାଇଥିଲା । ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର ଓ ଏମ.ଭି.ଏଲ.ଏନ. ରାଓ ବେଦାନ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା କରାଯାଉଥିବା ମକ ଡ୍ରିଲର ସୁପରିଚାଳନା କରିଥିଲେ ।

# ଝାରସୁଗୁଡ଼ା ଡିଏଭି ପରିସରରେ ରକ୍ତଦାନ ଶିବିର

ଝାରସୁଗୁଡ଼ା: ଝାରସୁଗୁଡ଼ା ଡିଏଭି ସ୍କୁଲ ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ସିଲୱାନ୍ତି ଯୋଯୋ ଓ ତାଙ୍କର ସହଯୋଗୀମାନେ ରକ୍ତ ସଂଗ୍ରହ କରିଥିଲେ । ଏ ଅବସରରେ ରକ୍ତଦାତାଙ୍କୁ ମାନପତ୍ର ସହିତ ଉପଢୌକନ ପ୍ରଦାନ କରାଯାଇଥିଲା । ସଂଗୃହୀତ ୧୦୧ ୟୁନିଟ ରକ୍ତକୁ ଜିଲ୍ଲା ବ୍ଲଡ଼ ବ୍ୟାଙ୍କକୁ ହସ୍ତାନ୍ତର କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଓ ଜିଲ୍ଲା ସମ୍ବାଦ ପ୍ରତିନିଧି ତେଜସ୍ୱର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ ହୋଇଥିଲା ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra


# ଜିଲ୍ଲା ଓକିଲ ସଂଘ ସାଧାରଣ ସମ୍ପାଦକ ହେଲେ ପ୍ରବୀଣ

ସମ୍ବଲପୁର : ନିକଟରେ ଅନୁଷ୍ଠିତ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ସାଧାରଣ ସମ୍ପାଦକ ପାଇଁ ଅନୁଷ୍ଠିତ ନିର୍ବାଚନରେ ପ୍ରବୀଣ କୁମାର ସିଂଦେଓ ବିଜୟୀ ହୋଇଛନ୍ତି । ସୂଚନାଯୋଗ୍ୟ ଜିଲ୍ଲା ଓକିଲ ସଂଘ ସାଧାରଣ ସମ୍ପାଦକ ପାଇ ସୂରଜ ବିଶ୍ୱାଳ ଓ ରବି ରଞ୍ଜନ ପୂଜାରୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତେବେ ଦୁର୍ଘଟଣାରେ ସୂରଜଙ୍କ ମୃତ୍ୟୁ ଘଟିବା ପରେ ନିର୍ବାଚନ ସ୍ଥଗିତ ହୋଇଥିଲା ।



# ସ୍ୱିପ୍ କାର୍ଯ୍ୟକଳାପ ମାଧ୍ୟମରେ ନିର୍ବାଚନ ପ୍ରସ୍ତୁତି ଉପରେ ବୈଠକ



ସମ୍ବଲପୁର: ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ସଂକ୍ରାନ୍ତରେ ସ୍ୱିପ୍ କାର୍ଯ୍ୟକଳାପ ସମ୍ପର୍କିତ ଏକ ବୈଠକ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଜିଲ୍ଲାପାଳ କହିଥିଲେ ଯେ ନିର୍ବାଚନ ଆମର ପର୍ବ, ଗଣତନ୍ତ୍ରର ଅଂଶ ହେବାର ଏକ ସୁଯୋଗ । ମତଦାନ ଦିନକୁ ଛୁଟି ଦିନ ଭାବରେ ନୁହେଁ ବରଂ 'କର୍ତ୍ତବ୍ୟ ଦିନ' ଭାବରେ ବିବେଚନା କରାଯିବା ଉଚିତ୍ । ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କର ମୁଖ୍ୟ ଦାୟିତ୍ୱ ହେଉଛି ନାଗରିକମାନଙ୍କୁ ଭୋଟ ଦେବା ପାଇଁ ଉତ୍ସାହିତ କରିବା, ଗଣତନ୍ତ୍ରରେ ଅଂଶଗ୍ରହଣ କରିବା ସ୍ୱିପ୍ କାର୍ଯ୍ୟକଳାପ ଏହା ହାସଲ କରିବାର ଅନ୍ୟତମ ଉପାୟ । ଭୋଟର ମାସ୍କଟ୍ 'ଭୋଟର ଦାଦା' ଓ 'ଭୋଟର ନାନି' (ପାରମ୍ପରିକ ସମ୍ବଲପୁରୀ ଡ୍ରେସ୍ ପୋଷାକରେ ଡିଜାଇନ୍ କରାଯାଇଥିବା ସ୍ୱିପ୍ ଟୋଟେମ୍) ସେଲ୍ ଫି ପଏଣ୍ଟ ଲଗାଇବା, 'ଭୋଟର ଦାଦା' ଓ 'ଭୋଟର ନାନି'ଙ୍କ ଆନିମେସନ ଭିଡିଓ ପ୍ରଦର୍ଶନ କରିବା, ସମ୍ବଲପୁରୀ ନିର୍ବାଚନୀ ଜିନ୍ଗଲ୍ ମାଧ୍ୟମରେ ନାଗରିକମାନଙ୍କୁ ମତଦାନ ପାଇଁ ଉତ୍ସାହିତ କରିବାକୁ ବୈଠକରେ ଉପସ୍ଥିତ ଥିବା ସମସ୍ତ ଅନୁଷ୍ଠାନର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । ମତଦାନ ପରେ ନିଜ ଦୋକାନକୁ ଆସୁଥିବା ଭୋଟରଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉ ବୋଲି ସେ ଅନୁରୋଧ କରିଛନ୍ତି ।

'ଭୋଟର ଦାଦା ଓ ଭୋଟର ନାନି'ର ପୋଷ୍ଟରରେ ଏକ କ୍ୟୁଆର୍ କୋଡ୍ ଲଗାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ନାଗରିକମାନେ କ୍ୟୁଆର୍ କୋଡ୍ ମାଧ୍ୟମରେ ସ୍କାନ୍ କରି ମତଦାନ ପ୍ରକ୍ରିୟା ଏବଂ ଭୋଟରଙ୍କୁ ଉପଲବ୍ଧ ସୁବିଧା ସମ୍ପର୍କିତ ସୂଚନା ସମ୍ପର୍କରେ ଅଧିକ ଜାଣି ପାରିବେ । ପ୍ରତ୍ୟେକ ଇଲେକଟ୍ରଙ୍କୁ ଭୋଟର ହେବାକୁ ପ୍ରୋତ୍ସାହିତ କରିବା ପାଇଁ ବ୍ରାଣ୍ଡିଂ, ବିଜ୍ଞାପନ ଓ ପୋଷ୍ଟର ମାଧ୍ୟମରେ ସହରାଞ୍ଚଳର ଉଦାସୀନତା ହ୍ରାସ କରିବା ଏବଂ ମତଦାନ ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା । ସୃଜନଶୀଳ ଚିନ୍ତାଧାରା ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟଙ୍କ ମତାମତ ମଧ୍ୟ ଆଦାନ ପ୍ରଦାନ କରାଯାଇଥିଲା ।

ବୈଠକରେ ସ୍ୱୀପ କାର୍ଯ୍ୟକଳାପର ନୋଡାଲ ଅଫିସର/ ସିଡିଓ-କମ ଇଓ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଚାରୁ କୁମାର ବଳ, ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଓ ସ୍ୱିପ୍ କାର୍ଯ୍ୟକ୍ରମର ସହକାରୀ ନୋଡାଲ ଅଫିସର ଶୁଭଦିପ୍ତା ମହାନ୍ତି, ପ୍ରାଇଭେଟ ବସ୍ ସଂଘ, ହୋଟେଲ ମାଲିକଙ୍କର ସଂଘ, ପେଟ୍ରୋଲ ପମ୍ପ ମାଲିକଙ୍କ ସଂଘ, ବ୍ୟବସାୟୀ ସଂଘ, ଷ୍ଟୋର ମ୍ୟାନେଜର, ଡୋମିନୋଜ, ପିଜା ହଟ୍, କେଏଫସି, ମୁଭି ହଲ୍, ରିଲାଏନ୍ସ ଷ୍ଟୋର ଓ ଆନନ୍ଦ ସୁପର ମାର୍କେଟର ସଭାପତି/ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ ।







ଦୟାମଣି ବୃଦ୍ଧାଶ୍ରମରେ ଆୟୋଜିତ ଭାଗବତ୍ ସପ୍ତାହ ଜ୍ଞାନଯଜ୍ଞର ଉଦ୍ଯାପନୀ ଉତ୍ସବରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ

# ବିକାଶ ହସ୍ପିଟାଲରେ ଆଡ୍‌ଭାନ୍ସ ଲେଜର ସର୍ଜରୀ ୟୁନିଟ୍ ଆରମ୍ଭ




ସମ୍ବଲପୁର: ବରେଇପାଲି ପାଞ୍ଚଗଛିଆ ସ୍ଥିତ ବିକାଶ ହସ୍ପିଟାଲ୍‌ରେ ଏକ ଆଡ୍‌ଭାନ୍ସ ଟେକ୍ନୋଲୋଜିଯୁକ୍ତ ଥୁଲିୟମ ସର୍ଜରୀ ୟୁନିଟ୍ ଉଦ୍‌ଘାଟିତ ହୋଇଯାଇଛି । ଏହା ରୋଗୀଙ୍କ କଷ୍ଟକୁ ହ୍ରାସ କରିବା ସହିତ ରୋଗୀଙ୍କ ହସ୍ପିଟାଲ୍‌ରେ ରହଣି ଅବଧିକୁ ମଧ୍ୟ କମ୍ କରିବ । ଚିରାଚରିତ ଢଙ୍ଗରେ କରାଯାଉଥିବା ସର୍ଜରୀ ଅପେକ୍ଷା ଏହି ଲେଜର୍ ସର୍ଜରୀ ମାଧ୍ୟମରେ ରୋଗୀ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରି ସ୍ୱାଭାବିକ ଜୀବନଯାପନ କରିପାରିବ । ରୋଗୀର କମ୍ ରକ୍ତ କ୍ଷରଣ ହେବା ସହ କିଡନି ମଧ୍ୟ ନିରାପଦ ରହିବା, ଅପରେସନ୍ ହୋଇଥିବା ପାର୍ଶ୍ୱରେ କଟା ଦାଗ ବା ଚିହ୍ନ ରହିବ ନାହିଁ । ଏହି ଯନ୍ତ୍ର ଦ୍ୱାରା କିଡନି ଷ୍ଟୋନ୍‌ର ଚିକିତ୍ସା କରାଯାଇପାରିବ । ପରିସ୍ରା ଥଳୀରେ ଥିବା ପଥର, ମାଂସ ପିଣ୍ଡୁଳା, ବଢ଼ିଯାଇଥିବା ପ୍ରୋଷ୍ଟେଟ୍ ଗ୍ରନ୍ଥି ଆଦିର ଚିକିତ୍ସା ହୋଇପାରିବ ବୋଲି ବିକାଶ ହସ୍‌ପିଟାଲ୍‌ର ୟୁରୋଲୋଜି କନ୍‌ସଲ୍‌ଟାଣ୍ଟ ଡାକ୍ତର ଶୋଭନ ହୋତା କହିଛନ୍ତି । ଏହି ୟୁନିଟ୍ ଉଦ୍‌ଘାଟନ ବେଳେ ବିକାଶ ଗ୍ରୁପ୍‌ର ମେନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ଅରୁଣ ପଟ୍ଟୱାରୀ, ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା, ଡାଇରେକ୍ଟର ଗିତିକା ଚୌଧୁରୀ, ନିର୍ଦ୍ଦେଶକ ଡାକ୍ତର ଜି. ବୈଷ୍ଣବୀ, ଡାକ୍ତର ଶୀର୍ଷକ ଘୋଷ, ଡାକ୍ତର ଶୋଭନ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଡାକ୍ତର ଦିଲିପ ନନ୍ଦ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କରାଯାଇଥିବା ବିଭିନ୍ନ ବ୍ୟବସ୍ଥାର ତଦାରଖ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା : ଅଂଶୁଘାତର ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ତଥା କକ୍ଷ ଜିଲ୍ଲାପାଳ ଅବୋଲି ସୁନୀଲ ନରୱ୍ୱଣେ ବୁଲି ଦେଖିଛନ୍ତି । ଝାରସୁଗୁଡ଼ା ପୌରାଞ୍ଚଳର ପଞ୍ଚପଡ଼ା ସିଏଚ୍‌ସିରେ ପହଞ୍ଚିବା ପରେ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଅଂଶୁଘାତରୁ ରକ୍ଷା ପାଇଁ କି କି ବ୍ୟବସ୍ଥା ଗ୍ରହଣ କରାଯାଉଛି ସେ ସଂପର୍କରେ ପଚାରି ବୁଝିଥିଲେ । ସଂପ୍ରତି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାରୁ ସର୍ବଦା ପ୍ରସ୍ତୁତ ହୋଇ ରହିବା ସହ ଅଂଶୁଘାତରୁ ରକ୍ଷା ପାଇଁ ଆବଶ୍ୟକୀୟ ସତର୍କତା ମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ତାଙ୍କ ସହିତ ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ମଧ୍ୟ ଥିଲେ । ସେହିପରି ଏମ୍‌ସିଏଲ୍ ଇବ୍‌ଭେଲି କ୍ଷେତ୍ରର ଲଜକୁରା ଖୋଲାମୁହଁ କୋଇଲାଖଣି ଠାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ସହ ଜିଲ୍ଲାପାଳ ଅବୋଲି ସୁନୀଲ ନରୱ୍ୱଣେ ଆଲୋଚନା କରି କାର୍ଯ୍ୟ କ୍ଷେତ୍ରରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇଁ ନିଜ ପାଖରେ ପାଣି ବୋତଲ ମହଜୁଦ ରଖିବା, ସକାଳ ସାଢ଼େ ୧୧ଟା ପରେ ବାହାରେ କାମ ନ କରିବା, ଖରାରେ ଯିବା ସମୟରେ ଛତା, ଟୋପି, ଗାମୁଛା ଆଦିର ବ୍ୟବହାର ପ୍ରତି ବିଶେଷ ଧ୍ୟାନ ଦେବାକୁ କହିଥିଲେ । ସେହିପରି ଖଣି କର୍ତ୍ତୃପକ୍ଷ ମଧ୍ୟ ଜରୁରି ପରିସ୍ଥିତିରେ ଶ୍ରମିକ କର୍ମଚାରୀ ଅସୁସ୍ଥତା ଅନୁଭବ କଲେ ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବା ଓଆର୍‌ଏସ୍ ବ୍ୟବସ୍ଥା ଆଦି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra